## କୂଅରେ ପଡ଼ି ଜଣେ ଗୁରୁତର

ପାଟଣା,(ବାଚକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରେଙ୍ଗାଲ ବେଡ଼ା ଗାଁରେ ବୁଧବାର ଜଣେ ବ୍ୟକ୍ତି କୁଅରେ ପଡ଼ି ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ପାଟଣା ଥାନା ଗାଙ୍ଗରପଡ଼ା ଗ୍ରାମର ମଙ୍ଗୁ ମୁଣ୍ଡା। ସେ ରେଙ୍ଗାଲ ବେଡ଼ା ଗ୍ରାମର ସର୍ଜକାୟ ଘରକୁ ଜଳ ପାଇଁ ବୁଲିବାକୁ ଆସିଥିଲେ। କୁଅ ଚଉତରାରେ ବସିଥିବା ସମୟରେ ଅସାବଧାନତା ଯୋଗୁ ୪୫ଫୁଟ୍ ଗଭୀର କୂଅରେ ଖସି ପଡ଼ିଥିଲେ। ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। କେନ୍ଦୁଝର ଅଗ୍ନିଶମ କର୍ମଚାରୀ ପହଞ୍ଚି ବ୍ୟକ୍ତିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ସଂକ୍ଷେପରେ

### ପାଣିରେ ବୁଡ଼ି ଶିଶୁ ମୃତ

ଜଳେଶ୍ୱର, ୧୪।୬(ରବି ନାରାୟଣ ପାତ୍ର): ମଙ୍ଗଳବାର ଅପରାହ୍ନରେ ଜଳେଶ୍ୱର ବ୍ଲକ ସୁଙ୍ଗୋ ପଞ୍ଚାୟତ ଧାନ ସିମୁଳିଆ ଗାଁ ଅଜୟ ଦାସଙ୍କ ନାତି ତଥା ସତ୍ୟରଞ୍ଜନ ଦାସଙ୍କ ପୁଅ ବିଷ୍ଣୁପଦ (୨) ଘର ସାମ୍ନାରେ ଖେଳୁଥିବା ବେଳେ ନିକଟରେ ଥିବା ପୋଖରୀରେ ପଡ଼ିଯାଇଥିଲେ। ଘରଲୋକ ଖୋଜାଖୋଜି କରି ପରେ ପାଣିରୁ ଉଦ୍ଧାର କରି ଜିକେଭଟ୍ଟର ହସ୍‌ପିଟାଲକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଝାଡ଼ାବାନ୍ତିରେ ମହିଳାଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୧୪।୬(ଶାନ୍ତନୁ କୁମାର ମଡୁଆଲ)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତ ଅନ୍ତର୍ଗତ ତରଡାଶୁଳ ଗ୍ରାମର ଜଣେ ମହିଳାଙ୍କର ବୁଧବାର ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଛି। ସେ ହେଲେ ରାଣୀ ମୁର୍ମୁ(୪୫)। ସୂଚନା ଅନୁଯାୟୀ, ୫ ଦିନ ତଳେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାରୁ ପରିବାର ଲୋକେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଖୁଣ୍ଟା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୨/୨୩) ରୁଜୁ କରିଛି।

### ବନ୍ଧୁକ ଦେଖାଇ ଗହଣା ଦୋକାନୀଙ୍କଠାରୁ ଲୁଟ

ମୋରଡ଼ା,୧୪।୬(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଧୀନ ସାତଭାୟା ଛକଠାରେ ଜଣେ ଗହଣା ଦୋକାନୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଅଢ଼େଇ ଲକ୍ଷ ଟଙ୍କାର ସୁନା ଓ ନଗଦ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ସମ୍ପର୍କରେ ଅଭିଯୋଗ ପାଇ ପୋଲିସ ତଦନ୍ତ ଜାରି ରଖିଛି। ଲୁଟର ଶିକାର ହୋଇଥିବା ଦୋକାନୀ ଜଣକ ହେଲେ ଚଢେଇଗାଁ ପଞ୍ଚାୟତ ଅଢେଇକୁଲା ଗ୍ରାମର ସ୍ୱପ୍ନେଶ୍ୱର ସିଂହ। ମଙ୍ଗଳବାର ସନ୍ଧ୍ୟାରେ ସେ କୋଷ୍ଠା ବଜାରରେ ଥିବା ତାଙ୍କ ଗହଣା ଦୋକାନକୁ ବନ୍ଦ କରି ଘରକୁ ଫେରୁଥିବା ବେଳେ ଦୁଇଟି ବାଇକ୍‌ରେ ୪ଜଣ ଯୁବକ ଆସି ସାତଭାୟା ଛକ ନିକଟରେ ତାଙ୍କୁ ଅଟକାଇଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକ ରଖି ନିକଟସ୍ଥ ଏକ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ଦୁର୍ବୃତ୍ତମାନେ ତାଙ୍କୁ ଏକ ଗଛରେ ବାନ୍ଧି ପକାଇବା ସହ ମାଡ଼ ମାରିଥିଲେ। ରାତି ପ୍ରାୟ ସାଢେ ୧୧ଟା ବେଳେ ଦୁର୍ବୃତ୍ତମାନେ ତାଙ୍କୁ କୋଷ୍ଠା ବଜାରସ୍ଥିତ ଦୋକାନକୁ ନେଇ ସେଠାରୁ ସମସ୍ତ ଗହଣା, ଟଙ୍କା ଲୁଟ କରିବା ପରେ ଛାଡ଼ି ଦେଇଥିଲେ। ଏନେଇ ଶୁଳିଆପଦା ଥାନାରେ ଏକ ମାମଲା(ନଂ. ୯୩/୨୩)ରୁଜୁ ହୋଇଛି।

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପଦ୍ମପୁର,୧୪।୬(କାଳୀପଦ ରାୟ)- ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗ ପଞ୍ଚାୟତ କୋଦଣ୍ଡପୁର ଗ୍ରାମରେ ରାଧାକୃଷ୍ଣଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାରଠାରୁ ୩ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ୧୦୮ କଳସ ଶୋଭାଯାତ୍ରା, ଭୂମିପୂଜନ, ବିଗ୍ରହ ପ୍ରତିଷ୍ଠା, ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଗୟାଧର ବେହେରା, କମଳାକାନ୍ତ ମହାପାତ୍ର, ବିଶ୍ୱନାଥ ପୁହାଣ, ଜାନକୀ ବଲ୍ଲଭ ମହାପାତ୍ର, ସସ୍ମିତା ମଲ୍ଲିକ, ବିଜୟ ନାୟକ, ନରେଶ ପୁହାଣ, ସୁଧାଂଶୁ ନାୟକ, ଉଦୟ ଭଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

# ୨୦୦ କୋଟି ଋଣ ଦେବ କେସିସି ବ୍ୟାଙ୍କ

## 'ମୋ ଘର' ଯୋଜନା

କେନ୍ଦୁଝର,୧୪।୬
(ନରେଶ ପଟ୍ଟନାୟକ/ଦୀପକ ମିଶ୍ର)



ଖବରଦାତା ସମ୍ମିଳନୀରେ ଉପସ୍ଥିତ କେସିସି ବ୍ୟାଙ୍କର ସଭାପତି କାନନ ବିହାରୀ ପହି ଓ ଅନ୍ୟମାନେ।

ଓଡ଼ିଶା ସରକାରଙ୍କ ୫-ଟି ବିଭାଗ ଆନୁକୂଲ୍ୟରେ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଗୃହ ନିର୍ମାଣ ନିମନ୍ତେ 'ମୋ ଘର' ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏହି ଉପଲକ୍ଷେ କେନ୍ଦୁଝର କେନ୍ଦ୍ର ସମବାୟ (କେସିସି)ବ୍ୟାଙ୍କ ତରଫରୁ ଯୋଜନାକୁ ସଫଳ ରୂପାୟନ ପାଇଁ ୨୦୦ କୋଟି ଟଙ୍କା ଋଣ ପ୍ରଦାନ କରାଯିବ। ଏନେଇ ବୁଧବାର ବ୍ୟାଙ୍କର ସଭାପତି କାନନ ବିହାରୀ ପହିଙ୍କ ଅଧ୍ୟକ୍ଷତାରେ ପରିଚାଳନ ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇ ଏକ ପ୍ରେସ୍ ବିଜ୍ଞପ୍ତିରେ ସଭାପତି ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ମୋ ଘର ଯୋଜନାରେ ଉପଯୁକ୍ତ ହିତାଧିକାରୀମାନଙ୍କୁ ଋଣ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କେନ୍ଦୁଝରଠାରେ ଥିବା ମୁଖ୍ୟ କାର୍ଯ୍ୟାଳୟ ଏବଂ ଘଟଗାଁଠାରେ ନୂତନ ଶାଖାର କୋଠା ନିର୍ମାଣ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହା ଦ୍ୱାରା ବ୍ୟାଙ୍କର ସିଆରଏଆର ବୃଦ୍ଧି ଘଟିବା ସହିତ ଡେପ୍ରିସିଏସନ ମାଧ୍ୟମରେ ଇନ୍‌କମ ଟ୍ୟାକ୍ସ ସୁବିଧା ପାଇପାରିବ। ନିର୍ମାଣ ନିମନ୍ତେ ଉପରିସ୍ଥ ଅଧିକାରୀଙ୍କଠାରୁ ଅନୁମୋଦନ ମିଳିଛି। ଅଧିକ ଋଣ ପ୍ରଦାନ କରିବା ପାଇଁ ଆବଶ୍ୟକ ହେଉଥିବା ପାଣ୍ଠି ସଂଗ୍ରହ ନିମନ୍ତେ ଜିଲା ପ୍ରଶାସନକୁ ସରକାରୀ ଟଙ୍କା ବ୍ୟାଙ୍କରେ ଜମା କରିବା ପାଇଁ ଅନୁରୋଧ ପତ୍ର ପ୍ରେରଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସଭାପତି ସୂଚନା ପ୍ରଦାନ କରିଛନ୍ତି। ଏଥିସହ ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ କେନ୍ଦୁଝରରେ ନୂତନଭାବେ ୭୭ ଟି ଲ୍ୟାମ୍ପସ୍ ଏବଂ ୧୪ ଗୋଟି ପ୍ୟାକ୍ସ ଖୋଲାଯାଇଛି। କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ବର୍ତ୍ତମାନ ୧୯ ଶାଖା ମାଧ୍ୟମରେ ଜିଲାର କୃଷକମାନଙ୍କ ବିକାଶ ପାଇଁ ଦୀର୍ଘ ୭୩ ବର୍ଷ ଧରି ନିରନ୍ତର ସେବା ପ୍ରଦାନ କରି ଆସୁଛନ୍ତି। ନୂତନ ଭାବେ ବାଂଶପାଳ ଏବଂ ଗୟଳମୁଣ୍ଡା ଭଳି ଦୁର୍ଗମ ଅଞ୍ଚଳରେ ଶାଖା ଖୋଲାଯାଇ ବ୍ୟାଙ୍କିଙ୍ଗ ସେବାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ବ୍ୟାଙ୍କ ପକ୍ଷରୁ ୩ ନୂତନ ସ୍ଥାନ କାଳିଆହତା, ସୋସୋ ଏବଂ ଉଖୁଣ୍ଡାଠାରେ ନୂତନ ଶାଖା ଖୋଲିବାକୁ ନିଷ୍ପତ୍ତି ହୋଇଛି ବୋଲି ବ୍ୟାଙ୍କର ସଭାପତି କାନନ ବିହାରୀ ପହି ସୂଚନା ଦେଇଛନ୍ତି। ଏଥି ସହ ବ୍ୟାଙ୍କ ଅଧିକ ଗୃହ ଋଣ, ବ୍ୟବସାୟ ଋଣ, ବ୍ୟକ୍ତିଗତ ଋଣ ଏବଂ ଅନ୍ୟାନ୍ୟ ଋଣକୁ ୪୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଞ୍ଜୁର କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଦେବପ୍ରିୟ ପାତ୍ର, ଡିଆରସିଏସ୍ ଶୁଭ୍ରକାନ୍ତି ତୁଙ୍ଗ, ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନ୍ଦ୍ର ନାଥ କାଲୁଣ୍ଡିଆ, ଏଆରସିଏସ୍ ଅଜୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯାନବାହନ ଚଳାଚଳକୁ ନେଇ କଟକଣା

ବାରିପଦା,୧୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରା ନିମନ୍ତେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଯାନବାହନ ଚଳାଚଳ ଉପରେ ଜିଲା ଆରକ୍ଷୀ ଅଧିକ୍ଷକ ବି.ଗଙ୍ଗାଧର କଡାକଡି କଟକଣା ଜାରି କରିଛନ୍ତି। ଆସନ୍ତା ୨୦ତାରିଖ ସକାଳ ୬ଟାରୁ ୩୦ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

ସହର ଦେଇ ଜନସାଧାରଣ, ଚଳପ୍ରଚଳ କରୁଥିବା ବସ୍, ଟ୍ରକ୍, ଟ୍ୟାକ୍ସି ଓ ଅଟୋରିକ୍ସା ମାଲିକ ସଂଘମାନେ ଏଥିରେ ସହଯୋଗ କରିବାକୁ ନିବେଦନ କରାଯାଇଛି। ଉଦଳା ଓ ବାଲେଶ୍ୱର ଅଭିମୁଖେ ଯାତାୟାତ କରୁଥିବା ବସ, ଟ୍ରକ୍‌ଗୁଡ଼ିକ ସତ୍ୟସାଇ ଛକ ଦାରଗାଡାହି ଗୋଲେଇ ଓ ପାଲବଣୀ ଗୋଲେଇ ଦେଇ ଯାତାୟାତ କରିବେ। ଶ୍ରୀ ଶ୍ରୀ ହରିବଳଦେବଜୀଉ (ଜଗନ୍ନାଥ ମନ୍ଦିର)ଠାରୁ ମା' ଅମ୍ବିକା ମନ୍ଦିର ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଯାନବାହନ ଚଳାଚଳକୁ ବାରଣ କରାଯାଇଥିବା ବେଳେ ନିର୍ଦ୍ଧାରିତ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ଗାଡ଼ି ନ ରଖିବାକୁ କଟକଣା ଜାରିଯାଇଛି। ୨୦,୨୧,୨୨ ଏବଂ ୨୮,୨୯ ଓ ୩୦ତାରିଖ ଦିନ ପହଣ୍ଡି ଓ ରଥଟଣା ଦିନଗୁଡ଼ିକରେ ରଥଟଣାର ଦୁଇ ଘଣ୍ଟା ପୂର୍ବରୁ କୌଣସି ସାଇକେଲ, ରିକ୍ସା, ଅଟୋରିକ୍ସା, ଟ୍ରଲିରିକ୍ସା ବଡ଼ଦାଣ୍ଡକୁ ନ ଆସିବାକୁ କୁହାଯାଇଛି। ଏହି କଟକଣା କର୍ତ୍ତବ୍ୟରତ ମାଜିଷ୍ଟ୍ରେଟ, ପୋଲିସ, ଦମକଳ, ଆମ୍ବୁଲାନ୍ସ ଏବଂ ଦେବୋତ୍ତର ବିଭାଗ ଗାଡ଼ି ପ୍ରତି ଲାଗୁ ହେବ ନାହିଁ ବୋଲି ସୂଚନା ଦିଆଯାଇଛି।

# ଗାନ୍ଧୀ ଛକରେ ରକ୍ତଦାନ ଶିବିର



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ରୂପ୍‌ସା,୧୪।୬(ବାଞ୍ଛାନିଧି ଦେ)

ବାହାନଗା ରେଳ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ଆଦର୍ଶ ବସ୍ତା ବିକାଶ ମଞ୍ଚ ପକ୍ଷରୁ ନିଆରା ପ୍ରୟାସ କରାଯାଇଛି। ଆୟୋଜିତ ସ୍ୱେଚ୍ଛାକୃତ ବିଶାଳ ରକ୍ତଦାନ ଶିବିରରେ ୬୫ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଦେଖିବାକୁ ମିଳିଛି।

ଜିଲା ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ରହିଥିଲା ବେଳେ ଏହାକୁ ଆଧାର କରି ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳର ଥିବା ଆଦର୍ଶ ବସ୍ତା ବିକାଶ ମଞ୍ଚ ପକ୍ଷରୁ ସୋମବାର ଗାନ୍ଧୀ ଛକଠାରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ, ସମ୍ମାନିତ ଅତିଥି ବସ୍ତା ବିଡ଼ିଓ ସତ୍ୟଜିତ ମହାନ୍ତି, ବସ୍ତା ତହସିଲଦାର ଅତନୁ ନାୟକ ଓ ବିଜେଡି ରାଜ୍ୟ ମହିଳା କାର୍ଯ୍ୟକାରୀଣି ସଭାପତି ସୁବାସିନୀ ଜେନା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିସହ ଅନୁଷ୍ଠାନର ଲୋଗୋ ଉନ୍ମୋଚନ କରାଯାଇଥିଲା। ଆଦର୍ଶ ବିକାଶ ମଞ୍ଚର କାର୍ଯ୍ୟକର୍ତ୍ତା ରାଜେଶ କୁମାର ଗିରି, ରାଜେଶ ବେହେରା, ସେକ ଜାଗି ରୁଦ୍ଦିନ, ସେକ୍ ସାବିର ହୁସେନ, ଇଂ. ଦିବାକର ରାଉତଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଶିବିର ପରିଚାଳନା କରିଥିଲେ।

# କର୍କଟ ରୋଗୀଙ୍କ ପାଇଁ କେଶଦାନ କଲେ



କେଶଦାନ କରିଥିବା ମହିଳା ଓ ଯୁବତୀ।

## ଉଦାହରଣ ସାଜିଲେ ଖଇରାର ମହିଳା, ଯୁବତୀ

ଖଇରା, ୧୪।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର କିଛି ମହିଳା ଓ ଯୁବତୀ କର୍କଟ ରୋଗୀଙ୍କ ପାଇଁ କେଶଦାନ କରି ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଜନହିତ ଯୁବକ ସଂଘ ଆନୁକୂଲ୍ୟରେ ଖଇରା ନଟାପଡାଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗରପଡା ଚାରିଗାଁର ସରୋଜିନୀ ବେହେରା, ଖଇରା ପଳାସପୁର ଗ୍ରାମର କୁଞ୍ଜିଲତା ମାହୁନ୍ତ, ସୁନ୍ଦରପୁର ଗ୍ରାମର ସବିତା ବେହେରା, ରଇଁତିରା ଗ୍ରାମର ଶୁକମଣି ସ୍ୱାଇଁ, କଣ୍ଟାପଡା ନାହୁଲ ଗ୍ରାମର ଗାୟତ୍ରୀ ଦାସ ଓ ଲଳିତା ଦାସ, ବଣପାରିଆ ଗ୍ରାମର ସୁପ୍ରିୟା ବେହେରା, ପାର୍ବତୀପୁର ଗ୍ରାମର ହିରାମୋତି ଜେନା ଓ ବବିନା ଜେନା, ଭଦ୍ରକ ଚାରବାଟିଆ ଗ୍ରାମର ଏ.ଏସ୍ ପ୍ରତିଭାକୁମାରୀ, ସୁମିତ୍ରାରାଣୀ ସ୍ୱାଇଁ ଓ ଏଏସ୍ ଅର୍ପିତା କୁମାରୀ ପ୍ରମୁଖ କେଶଦାନ କରିଥିଲେ। ଏବେ କର୍କଟରୋଗୀଙ୍କ ସଂଖ୍ୟା ବଢ଼ିବା ସହ କେଶର ଅଭାବ ଦେଖାଦେଇଛି। ଆମ୍ଭମାନଙ୍କର କେଶ ସେମାନଙ୍କ ଉପକାରରେ ଲାଗିଲେ ମଣିଷଜନ୍ମ ସାର୍ଥକ ହୋଇପାରିବ ବୋଲି ବିଶିଷ୍ଟ ସାହିତ୍ୟିକା, ଶିକ୍ଷୟିତ୍ରୀ କୁଞ୍ଜିଲତା ମାହୁନ୍ତ ପ୍ରକାଶ କରିଛନ୍ତି। ଆଗକୁ ମଧ୍ୟ ଅନ୍ୟ ମହିଳାମାନେ କିଭଳି ଅଧିକରୁ ଅଧିକ ଏଥିରେ ସାମିଲ ହେବେ ତାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ପ୍ରୋତ୍ସାହିତ କରିଥିବା ଅବସରପ୍ରାପ୍ତ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ତଥା ଖଇରା ଅଞ୍ଚଳରେ କାର୍ଯ୍ୟରତ ଉକ୍ତ ଜନହିତ ଯୁବକ ସଂଘର କର୍ମକର୍ତ୍ତାମାନଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।

# କାଳବୈଶାଖୀରେ ଛପର ଉଡ଼ିଲା

କୁଲିଅଣା,୧୪।୬(ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଲିଅଣା ବ୍ଲକ ଅଧୀନ ପୁରୁଣାପାଣି ପଞ୍ଚାୟତର କୁଇଲିସୂତା ଗ୍ରାମରେ ବୁଧବାର କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଅପରାହ୍ନ ୩ଟା ସମୟରେ ପ୍ରବଳ ବେଗରେ ପବନ ବହିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଡୋଲି ସିଂ ଏବଂ ସନିଆ ସିଂଙ୍କ ଆଜବେଷ୍ଟସ ଛପର ଉଡ଼ିଯାଇଛି। କ୍ଷତିଗ୍ରସ୍ତ ଦୁଇ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜିକେଭଟ୍ଟର ଡାକ୍ତରଖାନା
# ନିଯୁକ୍ତି ପରେ ଲମ୍ବା ଛୁଟିରେ ୨ ଡାକ୍ତର

ଜଳେଶ୍ୱର, ୧୪।୬(ରବି ନାରାୟଣ ପାତ୍ର)

ଜଳେଶ୍ୱର ଜିକେଭଟ୍ଟର ଡାକ୍ତରଖାନାରେ ଡାକ୍ତର ଅଭାବକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା ପାଇଁ ଆନ୍ଦୋଳନ ଡାକରା ଦିଆଯାଇଥିବା ବେଳେ ବୁଧବାର ୨ଜଣ ନୂଆ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ପୂର୍ବରୁ ୪ଜଣ ଡାକ୍ତର ଥିବା ବେଳେ ୩ଜଣ ଡେପୁଟେଶନରେ କାର୍ଯ୍ୟ କରୁଥିଲେ। ଅନ୍ୟପକ୍ଷରେ ଜଳେଶ୍ୱର ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡାକ୍ତର ନିଯୁକ୍ତି ନ ହେଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ ହେବ ବୋଲି ଲିଖିତ ଭାବେ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲା। ଫଳରେ ଡାକ୍ତର ନିଯୁକ୍ତି ନେଇ ସିଡିଏମ୍‌ଓ ସୂଚନା ଦେଇଥିଲେ। ୨ଜଣ ଡାକ୍ତର ନିଯୁକ୍ତି ପାଇଥିବାରୁ ସେମାନେ ଡାକ୍ତରଖାନାକୁ ଆସିଥିଲେ। ସେହି ୨ଜଣ ଡାକ୍ତର ଗୁରୁବାରଠାରୁ ଉଚ୍ଚଶିକ୍ଷା ଲାଗି ଲମ୍ବା ଛୁଟିରେ ଯାଉଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଫଳରେ ନୂତନ ନିଯୁକ୍ତି ଏକ ପ୍ରହସନରେ ପରିଣତ ହୋଇଛି।

# ଆଞ୍ଚଳିକ ରଜ ମହୋତ୍ସବ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବନ୍ତ,୧୪।୬(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିମାପଡା କପାଳୀକ୍ଷେତ୍ରଠାରେ ମଙ୍ଗଳବାର ୮ମ ବାର୍ଷିକ ଶ୍ରୀ ଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବ ୫ ଦିନ ଧରି ଚାଲିବ ବୋଲି ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି। କପାଳୀକ୍ଷେତ୍ରର ଅଧୀଶ୍ୱର ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ନାଟ୍ୟକାର ଡଃ. ସୁଧାଂଶୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ବନ୍ତ ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା, ଶିକ୍ଷାବିତ୍ ତଥା ସାହିତ୍ୟିକ ଗଣେଶ ପ୍ରସାଦ କରଶର୍ମା, ବନ୍ତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଶୁଭେନ୍ଦ୍ର କୁମାର ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ ରାଜ କିଶୋର ଆଚାରୀ, ସମାଜିକ କର୍ମୀ ସୁରେଶ ଦାସ ଯୋଗ ଦେଇଥିଲେ। ଶିକ୍ଷକ ରମାକାନ୍ତ ଜେନା ଉତ୍ସବରେ ଆଭିମୁଖ୍ୟ ଉପସ୍ଥାପନା କରିଥିବା ବେଳେ କମିଟିର ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# 'ଗୁରୁମାନେ ଶ୍ରେଷ୍ଠ ପଥ ପ୍ରଦର୍ଶକ'

ପଦ୍ମପୁର,୧୪।୬(କାଳୀପଦ ରାୟ)

ତିହିଡ଼ି ବ୍ଲକ ଅଧୀନ ବାହାବଳପୁରଠାରେ ନନ୍ଦକିଶୋର ସରକାରୀ ଉଚ୍ଚ ବିଦ୍ୟାଳୟର ଗୁରୁପୂଜନ ଓ ୧୯୮୯ ବ୍ୟାଚର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଦିମ କାଳରୁ ଭାରତର ସଂସ୍କୃତିର ମହାନ ପରମ୍ପରାରେ ଗୁରୁମାନେ ଶ୍ରେଷ୍ଠ ବୋଲି ପ୍ରତିପାଦିତ ହୋଇଛି। ପିତାମାତାଙ୍କ ପରେ ଗୁରୁମାନେ ହିଁ ଶ୍ରେଷ୍ଠ ପଥ ପ୍ରଦର୍ଶକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷକମାନଙ୍କୁ ଫୁଲଚନ୍ଦନ, ଉତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ୧୯୮୯ ବ୍ୟାଚର ଛାତ୍ରୀଛାତ୍ରମାନେ ଏହି ଅବସରରେ ବନ୍ଧୁମିଳନ ଉତ୍ସବ ଆୟୋଜନ କରିଥିଲେ। ପ୍ରଧାନଶିକ୍ଷକ ଶୁଭେନ୍ଦୁ ମାଝି ସଭାପତିତ୍ୱ କରିଥିବା ବେଳେ ଅଲେଖ ବେହେରା ମଞ୍ଚ ଆହ୍ୱାନ କରିଥିଲେ। ଗୀତିକାର ଓ କବି ବାଇଧର ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ରବିନାରାୟଣ ରାୟ, ପୂର୍ଣ୍ଣାନନ୍ଦ ଦାସ, ନଟବର ରାଉଳ, ବିଜୟ ବେହେରା, କାହ୍ନୁ ଦାସ, ଅନାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଶାର ଦ୍ୱାର ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରଦାନ

ଯୋଡ଼ା,୧୪।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ନୂତନଭାବେ ଗଢ଼ି ଉଠିଥିବା ସାମାଜିକ ଅନୁଷ୍ଠାନ ଆଶାର ଦ୍ୱାର ଫାଉଣ୍ଡେସନ ପକ୍ଷରୁ ଯୋଡ଼ା, ବଡ଼ବିଲ, ଜୁରୁଡ଼ି ଅଞ୍ଚଳରେ ଗରିବ, ନିରାଶ୍ରୟ ଦିବ୍ୟାଙ୍ଗ ଲୋକମାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ ସହ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଏ ନେଇ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ ଉପଲକ୍ଷେ ମଙ୍ଗଳବାର ଯୋଡ଼ା ପୌରପାଳିକାର ୮ ନଂ. ୱାର୍ଡରେ ଥିବା କଲ୍ୟାଣ ମଣ୍ଡପଠାରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଡାକ୍ତର ଅନୀଲ କୁମାର ଦାସ, ଜେଏସ୍‌ଡବ୍ଲ୍ୟୁର ମାନବ ସମ୍ବଳ ଅଧିକାରୀ ପାର୍ଥ ସାରଥି ବେଉରିଆ, ରଶ୍ମି ରଥ ମହାକୁଡ଼, ସଞ୍ଜୟ ପାତ୍ର, ଖବରଦାତା ସିରିଶ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ନିଶୁଳ୍କ ଅଙ୍ଗଦାନ କାର୍ଯ୍ୟକ୍ରମରେ ଫାଉଣ୍ଡେସନ ପକ୍ଷରୁ ୩୫ ଜଣଙ୍କୁ ବିଭିନ୍ନ ପ୍ରକାର କୃତ୍ରିମ ଅଙ୍ଗ, ହୁଇଲ ଚେୟାର, ଶ୍ରବଣ ଯନ୍ତ୍ର, ଆଶାବାଡ଼ି ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ ମହାକୁଡ଼, ବିଜୟ ମହାକୁଡ଼, ପାର୍ବତୀ ଗୁଡ଼ିଆ, ଦୀପାରାଣୀ ମହାକୁଡ଼, ଚନ୍ଦନ ମିଶ୍ର, ଭୋଳା ବିହାରୀ, ଟଙ୍କଧର ପାତ୍ର ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।




ମଞ୍ଚରେ ଉପସ୍ଥିତ ଅତିଥିମାନେ।

# ରାଜ୍ୟସ୍ତରୀୟ ବରିଷ୍ଠ ନେଟବଲ୍ ଦଳ ଘୋଷିତ

ଭଦ୍ରକ, ୧୪।୬(ସନାତନ ରାଉତ)

କଟକର କିଶନନଗରଠାରେ ଗୁରୁବାର ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରୀୟ ବରିଷ୍ଠ ନେଟବଲ ପ୍ରତିଯୋଗିତା ପାଇଁ ଭଦ୍ରକ ଜିଲାରୁ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ବାଳିକା ଓ ବାଳକ ବିଭାଗର ୨ଟି ଟିମର୍ ଖେଳାଳିଙ୍କ ସହ କୋଚ ଏବଂ ମ୍ୟାନେଜର ଭାବରେ ପ୍ରିୟଦର୍ଶିନୀ ମହାରଣା ଯାତ୍ରା କରିଛନ୍ତି। ଭଦ୍ରକ ଜିଲା ନେଟବଲ୍ ସଂଘର ସଭାପତି ତନ୍ମୟ କୁମାର ମହାନ୍ତି, ସମ୍ପାଦକ ମନୋଜ କୁମାର ସାହୁ, କୋଷାଧ୍ୟକ୍ଷ ବିଶ୍ୱାମିତ୍ର ବେହେରା, ଉପସଭାପତି ଅଭିଷେକ ମହାନ୍ତି, ମନୋଜ ଦାସ, ପୀତାମ୍ବର ରେଡ୍ଡି, ଆଶିଷ ଶତପଥୀ, ମନୋଜ ମହାନ୍ତି ଏବଂ ଅନ୍ୟ ସଦସ୍ୟମାନେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ବାହାନଗା ଟ୍ରେନ୍ ଦୁର୍ଘଟଣାରୁ ଅନେକ ଶିକ୍ଷା ମିଳିଛି'

## ବିପର୍ଯ୍ୟୟ ପରିଚାଳନା ନେଇ ପ୍ରସ୍ତୁତି ବୈଠକ

ଭଦ୍ରକ,୧୪।୬(ସନାତନ ରାଉତ)

ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରଶାସନସ୍ତରରେ ପ୍ରସ୍ତୁତି ନେଇ ମଙ୍ଗଳବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାହାନଗା ରେଳ ଦୁର୍ଘଟଣାରେ ମୃତାହତଙ୍କୁ ଉଦ୍ଧାର ପାଇଁ ହଠାତ ଜନବଳ ସହ ଡାକ୍ତର, ଜେସିପି, ଆସ୍କାଲାଇଟ୍, କଟର ମେଶିନ୍, ଆମ୍ବୁଲାନ୍ସ, କର୍ମଚାରୀ କିପରି ଆବଶ୍ୟକ ହେଲା ଓ ସାମୂହିକ ପ୍ରଚେଷ୍ଟା ବଳରେ ସମ୍ଭବ ହୋଇପାରିଲା, ବିପର୍ଯ୍ୟୟ ମୁକାବିଲା ଦିଗରେ ଏଥିରୁ ଆମକୁ ଅନେକ ଶିକ୍ଷା ମିଳିଛି। ଯେକୌଣସି ବିପର୍ଯ୍ୟୟର ମୁକାବିଲା ପାଇଁ ସର୍ବଦା ପ୍ରସ୍ତୁତ ରହିବାକୁ ଜିଲାପାଳ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଓ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର ଓ ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି ବୈଠକର ଆଭିମୁଖ୍ୟ ସହ ଜୁନ୧୮ ଓ ୧୯ ତାରିଖରେ ହେବାକୁ ଥିବା ଟେବୁଲ୍ ଟପ୍ ଏକସରସାଇଜ୍ ଓ ମକଡ୍ରିଲ୍ ବିଷୟ ଉପସ୍ଥାପନ କରିଥିଲେ। ବିପର୍ଯ୍ୟୟ ମୁକାବିଲା ନେଇ ବ୍ଲକସ୍ତରରେ ମଧ ପ୍ରସ୍ତୁତି ବୈଠକ କରିବା ସହିତ ଟିମ୍ ଗଠନ ପାଇଁ ବିଡିଓମାନଙ୍କୁ କୁହାଯାଇଥିଲା। ସୂଚନାଯୋଗ୍ୟ, ଜିଲାରେ ୧୦୪ଟି ଯାକ ଆଶ୍ରୟସ୍ଥଳରେ ଏହି ମକ୍‌ଡ୍ରିଲ ହେବ। ବିଭାଗୀୟ ଜିଲା ସଂଯୋଜକ ଅମ୍ଳାନ ଅନୁପମ ସେନାପତି ବୈଠକ ପରିଚାଳନାରେ ସହଯୋଗ କରିଥିଲେ।




ବିପର୍ଯ୍ୟୟ ପରିଚାଳନା ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟମାନେ।

## ପିଠାପଣାରେ ମହକିଲା ପହିଲି ରଜ

ଉଦଳା.୧୪।୬(ସନ୍ତୋଷ କୁମାର ବାଚ୍ଛିନୀ): ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ ରଜ ପର୍ବ ଆନନ୍ଦ ଉଲ୍ଲାସରେ ପାଳିତ ହେଉଛି। ପହିଲି ରଜରେ ଘରେ ଘରେ ପିଠାପଣାର ମହକ ଦେଖିବାକୁ ମିଳିଛି। ଅଧିକାଂଶ ପରିବାରରେ ବନ୍ଧୁବାନ୍ଧବ ଏକାଠି ହୋଇ ଏହି ପର୍ବ ପାଳନ କରୁଛନ୍ତି। ତେବେ ପୂର୍ବଭଳି ଆଉ ରଜ ପର୍ବ ଜମୁ ନ ଥିବା ବେଳେ ବିଧିରକ୍ଷା ଲାଗି କେତେକ ସ୍ଥାନରେ ଦୋଳିର ଆୟୋଜନ କରାଯାଇଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଜାତୀୟ ବିଧାୟକ ସମ୍ମିଳନୀରେ ଯୋଗଦେବେ ସୂର୍ଯ୍ୟବଂଶୀ ସୁରଜ

ଧାମନଗର,୧୪।୬(ଦେବେନ୍ଦ୍ର ଆଦିଆ): ମହାରାଷ୍ଟ୍ରର ମୁମ୍ବାଇ ଜିଓ ୱାର୍ଲଡ କନଭେନସନ ସେଣ୍ଟରରେ ହେବାକୁ ଥିବା ଜାତୀୟ ବିଧାୟକ ସମ୍ମିଳନୀରେ ଧାମନଗରର ଯୁବ ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଯୋଗଦେବେ। ୧୫ ତାରିଖ ଗୁରୁବାର ଏହି ସମ୍ମିଳନୀ ଆରମ୍ଭ ହେବ



ବୋଲି ଜଣାଯାଇଛି। ସମ୍ମିଳନୀରେ ଓଡ଼ିଶାରୁ ୧୪ ବିଧାୟକ ଯୋଗଦେବାକୁ ଥିବାବେଳେ ବିଭିନ୍ନ ରାଜ୍ୟରୁ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ବିଧାୟକ ଓ ବିଧାନ ପରିଷଦ ସଦସ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଧାୟକ ଓ ବିଧାନ ପରିଷଦ ସଦସ୍ୟମାନେ ଏକତ୍ରିତ ହୋଇ ନିଜ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିବା ସହ ନିଜ ଅଞ୍ଚଳର ସମସ୍ୟା ଓ ସମାଧାନର ଦିଗ ନେଇ ପରାମର୍ଶ ଭାବ ବିନିମୟ କରିବେ। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ବହୁ ବିଶିଷ୍ଟ ରାଜନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିଧାୟକ ବା ଆଇନ ପ୍ରଣେତାଙ୍କ ମଧ୍ୟରେ ନିଜସ୍ୱ ଦକ୍ଷତା ବୃଦ୍ଧି କରିବା, ସ୍ୱାଧୀନ ଚିନ୍ତାଧାରା ନେଇ କାମ କରିବାର ଗୁଣ ବିକଶିତ କରିବା। ଏହାସହ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଉତ୍ଥାପନ କରି ଏହାର ଯଥାର୍ଥ ସମାଧାନ ରାସ୍ତା ବାହାର କରିବା ନେଇ ମଧ୍ୟ ଏଥିରେ ଆଲୋଚନା ହେବାର ଅଛି।

### ଭଉଣୀ ହତ୍ୟାକାରୀଙ୍କୁ ଧରୁନି ପୋଲିସ, ଏସ୍‌ପିଙ୍କୁ ଭେଟିଲେ ଭାଇ

ଭଦ୍ରକ,୧୪।୬(ସନାତନ ରାଉତ)- ଭଦ୍ରକ ଜିଲା ବାଁଶଡ଼ା ଥାନା ଅଧୀନ ଗୋପୀନାଥପୁର ଗ୍ରାମରେ ଗତ ମେ ୧ ତାରିଖରେ ଏକ ବଧୂହତ୍ୟା ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ମେ ୨ ତାରିଖରେ ତିହିଡ଼ି ଥାନା ଦୋଳସାହି ଗ୍ରାମର ସଞ୍ଜୟ ଜେନା ବାଁଶଡ଼ା ଥାନାରେ ଅଭିଯୋଗ କରିବା ପରେ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ନାମରେ ମାମଲା (ନଂ.୧୫୪/୨୩) ରୁଜୁ ହୋଇଥିଲା। ପୋଲିସ କେବଳ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ ନେଇ ମଙ୍ଗଳବାର ସଞ୍ଜୟ ଭଦ୍ରକ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ସଞ୍ଜୟଙ୍କ ଭଉଣୀ ଦୀପା ୭ ବର୍ଷ ତଳେ ଗୋପୀନାଥପୁର ଗ୍ରାମର କମଳାକାନ୍ତ ଜେନାଙ୍କୁ ବିବାହ କରିଥିଲେ। ବିବାହ ପରେ ତାଙ୍କୁ ବାରମ୍ବାର ନିର୍ଯାତନା ଦିଆଯିବା ସହ ଶ୍ୱଶୁର ଘରେ ମାଡ଼ ମରାଯାଉଥିଲା।

### ଉପରଡ଼ିହା ରଜ ମହୋତ୍ସବ ଉଦ୍‌ଘାଟିତ

ଘଟଗାଁ,୧୪।୬(ରାଜେନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁ ଉପରଡ଼ିହା ରଜ ମହୋତ୍ସବ କମିଟି ଦ୍ୱାରା ୧୨ତମ ବାର୍ଷିକ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ମୁଖ୍ୟ ଅତିଥିଭାବେ ଘଟଗାଁ ଥାନା ଅଧିକାରିଣୀ ପ୍ରତିଭା ମଞ୍ଜରୀ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଛବିନ୍ଦ୍ର ଜେନା ଯୋଗଦେଇଥିଲେ। ମହୋତ୍ସବରେ ଖାଇଦୋଳି, ଚକ୍ରିଦୋଳି, ଡଙ୍ଗାଦୋଳି, ପଟାଦୋଳି ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦୋଳି ପଡ଼ିଛି। ରଙ୍ଗବେରଙ୍ଗ ସାଜସଜ୍ଜା ସହ ରଜପାନ, ରଜପିଠା ଓ ରଜଗୀତର ସମାହାରରେ ରଜପଡ଼ିଆ ବେଶ ଚଳଚଞ୍ଚଳ ହୋଇଉଠିଛି। କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିବ। ଉପରଡ଼ିହା ରଜ ପୂଜା କମିଟିର ସଭାପତି ସିପୁନ ପେରେଇ, ଉପସଭାପତି ଅଂଶୁମାନ ରାଉତରାୟ, ସମ୍ପାଦକ ବିକ୍ରମ ଦଳେଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି। ସେହିପରି ଘଟଗାଁ, ଖମଣମୁଣ୍ଡ, ବୀଣାଝରୀ, ମୁକୁନ୍ଦପୁରପାଟଣା, ନାକଝରୀ(କ), ନାକଝରୀ (ଖ), ତରା, ଗଦାଧରପୁର ସମେତ ବହୁ ସ୍ଥାନରେ ରଜ ପାଳନ କରାଯାଉଛି।

### ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା

ବାଙ୍ଗିରିପୋଷି,୧୪।୬(ସଞ୍ଜୟ ଅଗ୍ରୱାଲ): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ମଣଦା ଗ୍ରାମର ନାନୁ ବେହେରା ରୋଗାକ୍ରାନ୍ତ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଓଡ଼ିଶା ଡ୍ରାଇଭର ମହାସଂଘର ସଦସ୍ୟ ଥିଲେ। ମହାସଂଘ ପକ୍ଷରୁ ତାଙ୍କ ମୃତଦେହକୁ ମଣଦା ଗ୍ରାମକୁ ଅଣାଯାଇ ସତ୍କାର କରାଯାଇଥିଲା। ବୁଧବାର ମହାସଂଘ ପକ୍ଷରୁ ତାଙ୍କ ପରିବାରକୁ ୨୬,୫୧୬ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ବାଙ୍ଗିରିପୋଷି ଡ୍ରାଇଭର ମହାସଂଘର ଉପଦେଷ୍ଟା ଭବାନୀ ମହାନ୍ତ, ସଭାପତି ସନାତନ ରଣା, ଉପସଭାପତି ମହମ୍ମଦ ଜେମିରୁଦ୍ଦିନ, ସମ୍ପାଦକ କାଜଲ ମହାନ୍ତ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ବେହେରା ଏବଂ ବ୍ଲକରେ ଥିବା ସମସ୍ତ ଡ୍ରାଇଭର ସଂଘର ସଦସ୍ୟମାନେ ଏହି ସହାୟତା ପ୍ରଦାନ କରିଥିଲେ।

# ୨ ମାସ ପରେ ସମୁଦ୍ରକୁ ଗଲେ ମତ୍ସ୍ୟଜୀବୀ

- ମାଛଧରା କେନ୍ଦ୍ର ଚଳଚଞ୍ଚଳ
- ମିଳିବ ଲୁଣି ମାଛ

ରୂପସା,୧୪।୬(ବାଞ୍ଛାନିଧି ଦେ)

ଦୁଇ ମାସ ଧରି ସମୁଦ୍ରରୁ ମାଛ ମାରିବା କଟକଣା ହଟିଛି। ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କର ପ୍ରସ୍ତୁତିପର୍ବ ଶେଷ ହୋଇଛି। ମତ୍ସ୍ୟ ବିଭାଗ ପକ୍ଷରୁ ଏପ୍ରିଲ ୧୫ରୁ ଜୁନ୍ ୧୪ତାରିଖ ପର୍ଯ୍ୟନ୍ତ ସମୁଦ୍ରରୁ ମାଛ ମାରିବା ନିଷେଧାଦେଶ ଜାରି ହୋଇଥିଲା। ଲଞ୍ଚ, ଟ୍ରଲର ମାଲିକ, ଡ୍ରାଇଭର, କର୍ମଚାରୀ, ବରଫ କାରଖାନା କର୍ମଚାରୀଙ୍କ ସମେତ ସମସ୍ତ ମତ୍ସ୍ୟଜୀବୀ ୬୧ଦିନ ଧରି ଜୀବିକା ହରାଇଥିଲେ। କଟକଣା ହଟିବା ପରେ ସମସ୍ତଙ୍କ ମୁହଁରେ ହସ ଫୁଟିଛି। ସମୁଦ୍ର ମାଛକୁ ନେଇ ବ୍ୟବସାୟୀ, ଖାଉଟିଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

ବାଲେଶ୍ୱର ଜିଲାର ଜଳକା ନଦୀ ମୁହାଣ ସନ୍ନିକଟ ବାହାବଳପୁର ଓ ବୁଢ଼ାବଳଙ୍ଗ ମୁହାଣସ୍ଥିତ ବଳରାମଗଡ଼ି ମାଛଧରା କେନ୍ଦ୍ର ଚଳଚଞ୍ଚଳ ହୋଇଉଠିଛି। ଭୁଟୁଭୁଟି, ଟ୍ରଲର, ଲଞ୍ଚ, ଗ୍ରୀନ୍‌ଲେଟର ମାଲିକମାନେ ଇଞ୍ଜିନ ମରାମତି ସହ ରଙ୍ଗ ଦେବା କାର୍ଯ୍ୟ ଶେଷ କରିଛନ୍ତି। ଗୋଦାମରେ ପଡ଼ିଥିବା ଜାଲ ସବୁର ମରାମତି ମଧ୍ୟ ସରିଛି। ବରଫ କଳ ମାଲିକମାନେ ଦି ପଇସା ରୋଜଗାର ଆଶାରେ ଜୋରସୋରରେ କାମ ଆରମ୍ଭ କରିଛନ୍ତି।

ବାହାବଳପୁର ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ସଭାପତି ବିକାଶ ଦାସ ଓ ସମ୍ପାଦକ ଗୋରାଚାନ୍ଦ ଜେନା କହନ୍ତି ଶୁଭ ଦିନ ଓ ଶୁଭ ମୁହୂର୍ତ୍ତ ଦେଖି ପୂଜାର୍ଚ୍ଚନା ହୋଇଛି। କେତେକ ବୋଟ, ଲଞ୍ଚ, ଟ୍ରଲର ସମୁଦ୍ରକୁ ଫିସିଂ କରିବା ପାଇଁ ବାହାରିଛନ୍ତି। ଖାଦ୍ୟ, ପାନୀୟ, ରୋଷେଇ ସାମଗ୍ରୀ, ଇନ୍ଧନ ଓ ଔଷଧ ଆଦି ଅତ୍ୟାବଶକ ସାମଗ୍ରୀ ସଂଗ୍ରହ ସରିଛି।

ବୋଟ ମାଲିକ ବିବେକ ଦାସ କହନ୍ତି, କଟକଣା ଯୋଗୁ ବେପାର ବଣିଜ ବନ୍ଦ ଥିଲା। ସମସ୍ତେ ହାତବାନ୍ଧି ବସିଥିଲୁ। ପର୍ଯ୍ୟାପ୍ତ ମାଛ ଆମଦାନୀ ହେଲେ କ୍ଷତିଭରଣା ହୋଇପାରିବ। ରୂପସା ଅଞ୍ଚଳର ଜଣେ ମହିଳା ଆରତୀ ନାୟକ କହନ୍ତି, ଦୁଇ ମାସ ହେବ ଲୁଣି ମାଛ ପାଟିରେ ବାଜିନି। ମାଛ ଧରା ଆରମ୍ଭ ହେଲେ ବଜାରରେ ବିଭିନ୍ନ ସମୁଦ୍ର ମାଛ ଉପଲବ୍ଧ ହେବ।



ବଳରାମଗଡ଼ି ମାଛଧରା କେନ୍ଦ୍ରରେ ସମୁଦ୍ରକୁ ଯିବା ପାଇଁ ପ୍ରସ୍ତୁତ ଲଞ୍ଚ ଓ ଟ୍ରଲର।

## ଲୋକକଳା ଦିବସରେ ବିଭିନ୍ନ କଳା ପରିବେଷଣ


ଲୋକକଳା ଉତ୍ସବ ପାଳନ କରାଯାଉଛି।

ବାଲେଶ୍ୱର, ୧୪।୬(ମାନସ ବିଶ୍ୱାଳ)

ବାଲେଶ୍ୱର ନୃତ୍ୟ ସଙ୍ଗୀତ କଳା ମନ୍ଦିର ପରିସରରେ ବୁଧବାର ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ 'ଲୋକ କଳା ଉତ୍ସବ-୨୩' ପାଳିତ ହୋଇଛି।

ସାମ୍ମୁଖ୍ୟର ଜିଲା ସଂଯୋଜକ ଆଇନଜୀବୀ ଜ୍ୟୋତି ପ୍ରକାଶ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ସମ୍ମାନିତ ଅତିଥି ପୌରାଧକ୍ଷା ସବିତା ସାହୁ, ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଲୋକକଳା ଦଳମାନେ ଘୋଡ଼ା ନାଚ, ଚଢ଼େୟା ଚଢ଼େୟାଣୀ, ଦଧି, ସଙ୍କୀର୍ତ୍ତନ, ଅଲେଖ ମହିମା ସଙ୍କୀର୍ତ୍ତନ, ବାଦୀପାଲା, ଦାସକାଠିଆ, କେନ୍ଦେରୀ, କେଳା କେଳୁଣୀ ଓ ଭଜନ ଆଦି କଳା ପରିବେଷଣ କରିଥିଲେ। ଏହି ଅବସରରେ ସାମ୍ମୁଖ୍ୟ ପକ୍ଷରୁ ଦୋଳି ବନ୍ଧାଯାଇଥିଲା। କାର୍ଯ୍ୟକ୍ରମକୁ ଟାଉନ ସଂଯୋଜକ ସାବିର ଖାନ, ସଂଯୋଜକ ଶରତ ମହାରଣା, ବ୍ଲକ ସଂଯୋଜକ ଶିବଶଙ୍କର ପଣ୍ଡା, ପିତାମ୍ବର ବେହେରା, ସଞ୍ଜୟ ମହାଳିକ, ଶାନ୍ତନୁ ମହାନ୍ତି, ବିଜୟ ବାରିକ, ମୂରଲୀ ଜେନା ଓ ଶ୍ୟାମସୁନ୍ଦର ଦାସ ପ୍ରମୁଖ ପରିଚାଳନା କରିଥିଲେ। କାଉନସିଲର ମୀନା ମହାନ୍ତି, ରଞ୍ଜିତା ମହାପାତ୍ର, ଜିଲା ସମ୍ପାଦିକ ମୀନତି ସେଠୀ, ଟାଉନ ସମ୍ପାଦିକା ଆଶ୍ରୀତା ତରେଇ ଓ ସୋନାଲି ସାହା ପ୍ରମୁଖ ଯୋଗଦେଇ ଦୋଳି ଓ କାର୍ଯ୍ୟକ୍ରମର ମଜା ନେଇଥିଲେ।

## ରଜ ପୂର୍ବ ଦିନ ବିବାହିତା ମହିଳାଙ୍କ ମୃତ୍ୟୁ

### ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ବାହାନଗା, ୧୪।୬(ଅରୂପ ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଷ୍ଣୁପୁର ଗ୍ରାମର ଜଣେ ବିବାହିତା ମହିଳାଙ୍କ ରଜ ପୂର୍ବ ଦିନ ନିଜ ଶାଶୁ ଘରେ ମୃତ୍ୟୁ ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି।

ରଜ ପୂର୍ବ ଦିନ ମହିଳାଙ୍କ ବାପଘରୁ ରଜ ଭାର ଆସିଥିଲା। ହେଲେ ଭାର ଖୋଲିବା ପୂର୍ବରୁ ଝିଅ ଆତ୍ମହତ୍ୟା କରିଥିବା କଥା ତାଙ୍କ ବାପଘର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ବିଷ୍ଣୁପୁର ଗ୍ରାମର ଗୋବିନ୍ଦ ବିଶ୍ୱାଳଙ୍କ ଝିଅ ରଞ୍ଜିତା ୫ବର୍ଷ ତଳେ ସାଉଡୁ ପଞ୍ଚାୟତ ପାଟିମୁଣ୍ଡା ଗ୍ରାମର ତପନଙ୍କୁ ବିବାହ କରିଥିଲେ। ତପନ ଅଧିକାଂଶ ସମୟ ନିଶାସକ୍ତ ହୋଇ ଘରକୁ ଫେରି ସ୍ତ୍ରୀଙ୍କୁ ମାଡ ମାରୁଥିବା ତାଙ୍କ ବାପଘର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ସୋମବାର ରଞ୍ଜିତାଙ୍କ ମା' ରଜଭାର ଧରି ଝିଅ ଘରକୁ ଯାଇଥିଲେ। ସେଠାରୁ ଫେରିବା ପରେ ଘରକୁ ଆସି ରାତିରେ ତାଙ୍କ ଝିଅ ଆତ୍ମହତ୍ୟା କରିଥିବା ଖବର ପାଇଥିଲେ। ଝିଅଙ୍କୁ ତାଙ୍କ ସ୍ୱାମୀ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି।

## ବଳଦେବଜୀଉଙ୍କ ସର୍ବୋଚ୍ଚ ରଥ ପ୍ରସ୍ତୁତି

# ପହଞ୍ଚିଲା ସିଆଡ଼ି ଲତାର ଦଉଡ଼ି



କେନ୍ଦୁଝର,୧୪।୬ (ନରେଶ ପଟ୍ଟନାୟକ/ଦୀପକ ମିଶ୍ର): କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ବିଶ୍ୱର ସର୍ବୋଚ୍ଚ ମାନ୍ୟତା ପାଇଥିବା କେନ୍ଦୁଝରର ରଥକୁ ଟାଣିବା ପାଇଁ ପାରମ୍ପରିକ ସିଆଡ଼ି ଲତାରେ ପ୍ରସ୍ତୁତ ଦଉଡ଼ି ବ୍ୟବହାର ହୋଇଥାଏ। ଏହି ଦଉଡ଼ି ପରମ୍ପରା ରାଜା ରାଜୁଡ଼ା ଅମଳରୁ ପାଳିତ ହୋଇଆସୁଛି। ଏଭଳି ତିନୋଟି ଦଉଡ଼ି ବାଂଶପାଳ ବ୍ଲକ୍ ଦଂଅଳା ଗ୍ରାମରୁ ଏକ ଶୋଭାଯାତ୍ରାରେ ବୁହା ହୋଇ ବୁଧବାର ଶ୍ରୀ ଜୀଉଙ୍କ ମନ୍ଦିରରେ ପହଞ୍ଚିଛି। ଏହା ବହୁ ଶକ୍ତ ଏବଂ ସହଜରେ ଛିଣ୍ଡି ନ ଥାଏ। ଆଗରୁ କେବଳ ଶିଆଡ଼ି ଦଉଡ଼ିରେ ରଥ ଟଣା ହୋଇ ଆସୁଥିଲା। ଆଜି କାଲି ନଡ଼ିଆ କତା, ପ୍ଲାଷ୍ଟିକ ଦଉଡ଼ିର ବ୍ୟବହାର ହେଉଥିଲେ ହେଁ ପରମ୍ପରା ରକ୍ଷା ପାଇଁ କିଛି ଶିଆଡ଼ି ଦଉଡ଼ିର ବ୍ୟବହାର ହେଉଛି। ଅନ୍ୟପକ୍ଷରେ ଜଙ୍ଗଲର ଅବକ୍ଷୟ ଯୋଗୁ ଶିଆଡ଼ି ଗଛ ଲୋପ ପାଇବାକୁ ବସିଥିବାରୁ ବଣ ଜଙ୍ଗଲରେ ବହୁ କମ ମିଳୁଛି। ଏଣୁ ଏହାର ସୁରକ୍ଷା ଜରୁରୀ ବୋଲି ମତ ପ୍ରକାଶ ପାଉଛି।

### ଜନଜାତି ପ୍ରସ୍ତୁତ କରି ଦିଅନ୍ତି

ଶ୍ରୀ ବଳଦେବଜୀଉ ମନ୍ଦିର ୧୬୭୩ ମସିହାଠାରୁ ପ୍ରତିଷ୍ଠା ହେବା ପରେ ପ୍ରାୟତଃ ସେହିଦିନଠାରୁ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଏକକ ରଥରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ଯାଉଥିବାବେଳେ ରଥ ପାଇଁ ଆବଶ୍ୟକ ଦଉଡ଼ି ଆଦିବାସୀ ବ୍ୟକ୍ତିମାନେ ଅତି ଭକ୍ତିପୂତ ଭାବରେ ପ୍ରଦାନ କରିଥାନ୍ତି। କେନ୍ଦୁଝରର ବାଂଶପାଳ ବ୍ଲକ୍‌ର ଦଅଁଳା ଗାଁରେ ଜନଜାତି ସମ୍ପ୍ରଦାୟର ଲୋକେ ତିଆରି କରିଥାନ୍ତି। ପୂର୍ବରୁ ବାଂଶପାଳ ବ୍ଲକ୍‌ରେ ଥିବା ବିଭିନ୍ନ ପୀଢମାନଙ୍କର (ଭୂୟାଁ ଓ ଜୁଆଙ୍ଗ ଜନଜାତିମାନେ ରହୁଥିବା ବିଭିନ୍ନ ଗ୍ରାମର ମୁଖ୍ୟ) ସର୍ଦ୍ଦାରମାନଙ୍କୁ ରାଜାଙ୍କ ନିର୍ଦ୍ଦେଶ ବଳରେ ଏହି ଦଉଡ଼ି ଯୋଗାଇ ଆସୁଥିଲେ। ପ୍ରଥା ଓ କିମ୍ବଦନ୍ତି ଅନୁଯାୟୀ ଶିଆଳି ଦଉଡ଼ି ନ ଆସିଲେ ରଥ ଗଡ଼େ ନାହିଁ। ଆର୍ଯ୍ୟ ଓ ଆଦିବାସୀ ସଂସ୍କୃତିର ମହାମିଳନର ନିଦର୍ଶନ ସ୍ୱରୂପ ଏହାକୁ ପାଳନ କରାଯାଏ।

### ଏମାନେ କ'ଣ କୁହନ୍ତି ....

"ପ୍ରତିବର୍ଷ ଆମ ଅଞ୍ଚଳରୁ ପ୍ରଭୁ ବଳଦେବଜୀଉଙ୍କୁ ଶିଆଳି ଲତାରେ ବଳାଯାଇଥିବା ଦଉଡ଼ି ଯୋଗାଇ ଆସୁଛୁ। ଦୀର୍ଘ ୨୦ଦିନ ଧରି ଏହି କାମରେ ବ୍ୟସ୍ତ ରହୁ। ଦଳ ହୋଇ ଜଙ୍ଗଲ ଭିତରକୁ ଯାଇ ଶିଆଳି ଲତା ସନ୍ଧାନ କରୁ। ଯେଉଁ ଲତା ଭଲ ଥିବା ଉଇ ବସା କରି ନ ଥିବ, ପଚି ଯାଇ ନ ଥିବ ବା ପକ୍ଷୀ ବସା ବାନ୍ଧି ନ ଥିବେ ସେହି ଲତାକୁ ସଂଗ୍ରହ କରାଯାଏ। ପରେ ଗାଁର ୩୦ରୁ ୪୦ ଲୋକ ମିଶି ଦଉଡି ବଳୁ। ଏଥି ପାଇଁ ଆମକୁ ପ୍ରତିବର୍ଷ ନିମନ୍ତ୍ରଣ ଓ ପୁରସ୍କାର ଟଙ୍କା ଦିଆଯାଏ। ରଥଯାତ୍ରା ପୂର୍ବରୁ ଦଉଡ଼ି ଦେଇ ଯାତ୍ରା ଦିନ ପ୍ରଭୁଙ୍କୁ ଦର୍ଶନ କରି ରଥଟାଣୁ। ପୁରୁଷାନୁକ୍ରମିକେ ଏହି ପ୍ରଥା ଆମେ ଚଳାଇ ଆସୁଛୁ। **-କୁଞ୍ଜ ନାଏକ, ଭୂୟାଁ ପୀଢ଼ ସର୍ଦ୍ଦାର**

"ପ୍ରତ୍ୟେକ ବର୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ଶିଆଳି ଲତାର ଦଉଡ଼ି ପାଇଁ ଆମେ ଜନଜାତିଙ୍କୁ ନିମନ୍ତ୍ରଣ ପ୍ରଦାନ କରିଥାଉ। ଏହାକୁ ସେମାନେ ସାଦରରେ ଗ୍ରହଣ କରିଥାନ୍ତି। କିଛି ଅର୍ଥରାଶି ମଧ ପ୍ରଦାନ କରାଯାଇଥାଏ। ତେବେ ରଥଟଣା ସମୟରେ ଆମେ ଶିଆଳି ଲତା ଦଉଡ଼ି ସହ କତା ଦଉଡ଼ି ମଧ ବ୍ୟବହାର କରିଥାଉ। କର୍ଷନ ପାଇଁ ମଧ କତା ଦଉଡ଼ି ବ୍ୟବହାର କରାଯାଏ।
**-ରାମଚନ୍ଦ୍ର କିସ୍କୁ, ଦେବୋତ୍ତର ନିର୍ବାହୀ ଅଧିକାରୀ, କେନ୍ଦୁଝର**

## ହୁଇଲ୍ ଚେୟାରରେ ବିତୁଛି ଜୀବନ

### ଚିକିତ୍ସାରେ ଅର୍ଥ ବାଧକ

କୋଡ଼ପଡ଼ା,୧୪।୬(ରଞ୍ଜିତ ରଣା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ମୋଚିନ୍ଦା ପଞ୍ଚାୟତ ମୋଚିନ୍ଦା ଗ୍ରାମର ରମେଶ ସେଠୀଙ୍କ ହୁଇଲ ଚେୟାରରେ ଜୀବନ ବିତୁଛି। ଘରର ଏକମାତ୍ର ରୋଜଗାରିଆ ହୋଇଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ପରିବାରର ବୋଝ ପାଲଟିଛନ୍ତି।

ଦିନକୁ ଦିନ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହେଉଥିବାବେଳେ ମେଡିସନ ଖାଇବାକୁ ମଧ୍ୟ ଅର୍ଥର ଅଭାବ ରହିଛି। ଏଭଳି ସ୍ଥଳରେ ସ୍ତ୍ରୀ, ଗୋଟିଏ ଝିଅ, ଗୋଟିଏ ପୁଅଙ୍କୁ ନେଇ ତାଙ୍କ ପରିବାର ଏକ ପ୍ରକାର ଅସହାୟ ହୋଇପଡ଼ିଛନ୍ତି। ରମେଶ ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବେ କାମ କରି ପରିବାର ଭରଣପୋଷଣ କରୁଥିଲେ। ଦୁର୍ଘଟଣାର ଶିକାର ହୋଇ ତାଙ୍କର ମେରୁଦଣ୍ଡ ହାଡ଼ ଭାଙ୍ଗିଯାଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସୁଦ୍ଧା ସେ ସୁସ୍ଥ ହୋଇପାରିନାହାନ୍ତି। ୭ ରୁ ୮ ଲକ୍ଷ ଖର୍ଚ୍ଚ ହେଲେ ତାଙ୍କର ସ୍ଥିତିରେ ସୁଧାର ଆସିବ ବୋଲି ଡାକ୍ତର କହିଛନ୍ତି। ପରିବାର ଲୋକେ ନା ଅର୍ଥ ଯୋଗାଡ଼ କରିପାରୁଛନ୍ତି ନା ରମେଶ ସୁସ୍ଥ ହୋଇପାରୁଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ୨୫ କିଲୋ ଚାଉଳ ପରିବାରର ଏକମାତ୍ର ସାହାରା ପାଲଟିଛି। ପ୍ରଶାସନିକସ୍ତରରେ କିମ୍ବା କେହି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇବାକୁ ପରିବାର ଲୋକେ ନିବେଦନ କରିଛନ୍ତି।


ପରିବାର ସହ ହୁଇଲ ଚେୟାରରେ ବସିଥିବା ରମେଶ।

## ଯୁବତୀଙ୍କ ମୃତଦେହ ଜବତ ଘଟଣା, ମା' ଅଟକ

ଖୁଣ୍ଟା,୧୪।୬(ଦେବ ରଞ୍ଜନ ବେହେରା)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ଫେଣୀ ଗ୍ରାମରୁ ଜଣେ ଯୁବତୀଙ୍କ ମୃତଦେହ ଜବତ ଘଟଣାରେ ପୋଲିସ ତାଙ୍କ ବିଧବା ମା'ଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥିବା ପୋଲିସ ଅନୁମାନ କରୁଥିବା ବେଳେ ବଡ଼ପଥରା ସରପଞ୍ଚଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ହତ୍ୟା ମାମଲା(ନଂ.୧୭୦/୨୩) ରୁଜୁହୋଇଛି। ପୋଲିସ ସୂଚନା ଅନୁଯାୟୀ, ଖୁଣ୍ଟା ଥାନା ବହଳଦା ଗ୍ରାମରୁ ଏକ ଘରୋଇ ବସ୍ ଯୋଗ ରବିବାର ମୃତ ଯୁବତୀ ରଇବାରୀ ସିଂ ଓ ତାଙ୍କ ମା' ମଙ୍ଗୁଳି ଏବଂ ସାନଭାଇ ବଏଜୁ ଟିଟିଆ ଛକଠାରେ ଓହ୍ଲାଇଥିବା ଉକ୍ତ ବସ୍‌ରେ ଥିବା ବହଳଦା ଗ୍ରାମର କେତେକ ଯାତ୍ରୀ ଦେଖିଥିଲେ। ପରଦିନ ରାତିରେ ମଙ୍ଗୁଳି ଘଟଣାସ୍ଥଳ ନିକଟ ବଡ଼ଫେଣୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଏକାକୀ ଆସି ଆଶ୍ରୟ ନେଇଥିଲେ। ତେବେ ମଙ୍ଗଳବାର ଅପରାହ୍ନରେ ରଇବାରୀଙ୍କ ମୃତଦେହ ବଡ଼ଫେଣୀ ଗ୍ରାମ ନିକଟରୁ ମିଳିଥିଲା। ଏହାର ଅନତୀ ଦୂରରେ ସାନଭାଇ ବଏଜୁ ମୁମୂର୍ଷ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ତଦନ୍ତ ସମୟରେ ମା' ମଙ୍ଗୁଳି ବୟାନ ବଦଳାଉଥିବାରୁ ଏହି ହତ୍ୟାକାଣ୍ଡରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ଅନୁମାନ କରିଛି। ଅପରପକ୍ଷେ ବାରିପଦାରେ ଚିକିତ୍ସାଧିନ ଥିବା ମୃତ ଯୁବତୀଙ୍କ ସାନଭାଇ ସୁସ୍ଥ ହେବାପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

## ଜିଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ

ବାରିପଦା ଅଫିସ,୧୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ରକ୍ତଦାତା ଦିବସ ପାଳିତ ହୋଇଯାଇଛି । ଓଡ଼ିଶା ରକ୍ତ କେନ୍ଦ୍ର ବାରିପଦାର ଅଧିକାରୀ ସୌମ୍ୟ ରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜ୍ଞାନେନ୍ଦ୍ର କୁମାର ମହାନ୍ତି, ଗଣେଶ ଚନ୍ଦ୍ର ପାଲ, ସୀମାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ନଳିନୀ ସେନାପତି ଓ ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ସରକାରଙ୍କର କୃଷି ଓ ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ପ୍ରମୁଖ ଯୋଗଦେଇ ସମସ୍ତ ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜନ କରୁଥିବା ସଂଗଠନର ମହତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏଥିସହ ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାରିପଦା ମ୍ୟୁନିସିପାଲିଟି, ଜୀବନ ବିନ୍ଦୁ ( କଟସାହି, ବାରିପଦା, ଦୁର୍ଗାପୁର, ଚିତ୍ରଡା, ଦାନ୍ତିଆମୁହାଁ, ବାଘମାରା ଓ ବଡ଼ସାହି) ସୀମାନ୍ତ ମହାବିଦ୍ୟାଳୟ, ଓଡ଼ିଶା ପୋଲିସ, ସମାଜ ପରିବାର, ଏମ୍‌ପିସି ମହାବିଦ୍ୟାଳୟ, ଜଗଦ୍ଧାତ୍ରୀ ମେଳା କମିଟି, ତୁଳସୀଚଉରା ଦୁର୍ଗାପୂଜା କମିଟି, ରୋଟାରି କ୍ଲବ ସମେତ ମୋଟ ୩୫ଟି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱେଚ୍ଛାକୃତ ରକ୍ତଦାତା ଅମର କୁମାର ସେଠି, ସୋମନାଥ ସିଂହ, ନିରୋଜ କୁମାର ପୋଥାଳ, ଦୀପକ କୁମାର ମିଶ୍ର, ଅଜିତ ବେହେରା, ମାନୀ ଗିରି ସମେତ ୨୦ ଜଣଙ୍କୁ ମଧ ସମ୍ମାନିତ କରାଯାଇଥିଲା । ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ଅଙ୍କିତ ପାଣିଗ୍ରାହୀ, ସତ୍ୟଜିତ ପୃଷ୍ଟିଙ୍କ ସମେତ ମୋଟ ୧୩ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତ ଭଣ୍ଡାରର ପୁଣ୍ଡରୀକାକ୍ଷ ଦାସ, ପାର୍ଥ ସାରଥୀ ମହାନ୍ତ, ରୁଚିକା ଖୁରାନା ନୀତିଶ କୁମାର ସାମଲ, କମଳିନୀ ଦାସ ଓ ବିଷ୍ଣୁପ୍ରିୟା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ରକ୍ତଦାନକୁ ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ

ବାଲେଶ୍ୱର, ୧୪।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରକ୍ତଦାତା ସଂଘ ପକ୍ଷରୁ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ବିଂଶତମ ବିଶ୍ୱ ରକ୍ତଦାତା ଦିବସ ଏବଂ ସଂଘର ବାର୍ଷିକ ଉତ୍ସବ ପାଳନ ହୋଇଛି। ହୃଦ୍‌ଘାତରେ ପରଲୋକ ହୋଇଥିବା ଜିଲା ରକ୍ତ କେନ୍ଦ୍ରର ସ୍ୱତନ୍ତ୍ର ଅଧିକାରୀ ବରିଷ୍ଠ ଚିକିତ୍ସକ ଡା. ମହେଶ କୁମାର ବିଶ୍ୱାଳ, ବାହାନଗା ରେଳ ଦୁର୍ଘଟଣାରେ ମୃତ ଯାତ୍ରୀ, ଗତ ବର୍ଷକ ମଧ୍ୟରେ ଦେହାନ୍ତ ହୋଇଥିବା ରକ୍ତଦାତା ଓ ସଙ୍ଗଠକମାନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

ସଂଘ ସଭାପତି କମଳ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ସାଧାରଣ ସମ୍ପାଦକ ଇଂ. ଡ. ହୃଷିକେଶ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନକୁ ଜୀବନର ଏକ ବ୍ରତ ଭାବରେ ଗ୍ରହଣ କରିବାକୁ ଯୁବ ସମାଜକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ ଆବଶ୍ୟକତା ସମୟରେ ବାଲେଶ୍ୱରବାସୀ ରକ୍ତଦାନଠାରୁ ଆରମ୍ଭ କରି ଦୁର୍ଗତମାନଙ୍କ ସହାୟତା ପାଇଁ ଯେଉଁଭଳି ଭାବରେ ଆଗେଇ ଆସିଥିଲେ ସମଗ୍ର ବିଶ୍ୱ ତାର ପ୍ରଶଂସା କରିଛି ବୋଲି କହିଥିଲେ। ବରିଷ୍ଠ ଉପଦେଷ୍ଟା ବିପ୍ଳବ କୁମାର ମହାନ୍ତି, ଅର୍ଚ୍ଚନା ନନ୍ଦୀ ବକ୍ତବ୍ୟରେ ରକ୍ତଦାନର ଆବଶ୍ୟକତା ପୂରଣ ଦିଗରେ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଅଧିକ ଉତ୍ସାହର କାମ କରିବାକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିମାନଙ୍କ ଦ୍ୱାରା ସଂଘର ମୁଖପତ୍ର ସ୍ପନ୍ଦନ ଉନ୍ମୋଚନ ହୋଇଥିଲା। ସକାଳେ ଜିଲା ରକ୍ତ କେନ୍ଦ୍ରରେ ସଂଘ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଲସେନ ଜଗଦେବ, ରକ୍ତକେନ୍ଦ୍ର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟ ଉଦ୍‌ଘାଟନ କରିଥିଲେ। ଶିବିରରୁ ୨୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଂଘ ଉପଦେଷ୍ଟା ସେକ ଜନତ ହୁସେନ, ରବି ରାଉତ, ନିରଞ୍ଜନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ଉମେଶ ଚନ୍ଦ୍ର ନାୟକ, ରବିକୁମାର ପାଣଗ୍ରାହୀ, ପ୍ରଭାକର ବେହେରା, ଉପସଭାପତି ଲକ୍ଷ୍ମୀଧର ବାରିକ, ସମ୍ପାଦକ ରାଜେଶ ଗିରି, ସହ ସମ୍ପାଦକ ଭଗବାନ ମହାନ୍ତି, କୋଷାଧ୍ୟକ୍ଷ ଅକ୍ଷୟ ତ୍ରିପାଠୀ, ଯଶୋଦା ନନ୍ଦନ ଆଶ, ଅଖିଳ କୁମାର ଦାସ, ଦୁକୁଲ ଘଡ଼େଇ, ମନୋରଞ୍ଜନ ଦାସ, ଶ୍ୟାମସୁନ୍ଦର ଯେନା, ସମ୍ବିତ କୁମାର ପ୍ରଧାନ, ଅଂଶୁମାନ ରାଉତ ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଚିତ୍ତାକର୍ଷକ ମାଲଖମ୍ବ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ଉପସଭାପତି ବିଜୟ ପାତ୍ର ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଦ୍ୱାରା ମୁଖପତ୍ର ସ୍ପନ୍ଦନ ଉନ୍ମୋଚନ କରାଯାଉଛି।

## ଢେଙ୍କିକୋଟରେ ଗଣପର୍ବ ରଜ ପାଳନ

**ଢେଙ୍କିକୋଟ,(ନୀଳମଣି ମଣ୍ଡଳ):** କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ପ୍ରତିବର୍ଷ ପରି ଗଣପର୍ବ ରଜ ଉତ୍ସବ ଧୂମଧାମରେ ପାଳନ ହେଉଛି। ଏ ନେଇ ଢେଙ୍କିକୋଟ ପଞ୍ଚାୟତ ଟିକିରା ଗ୍ରାମରେ ତିନି ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ। ଶେଷ ଦିନ ରଜ ବାଟାଣ୍ଡି ଗ୍ରାମର ମହିଳାମାନେ ରଜବତୀଙ୍କ ବାହାଘର କରି ବର ଘର ଓ କନ୍ୟା ଘର ପକ୍ଷ ଉଭୟଙ୍କ ପକ୍ଷରେ ଭୋଜିଭାତ ଆସର ମଧ ହୋଇଥାଏ। ବୁଧବାର ପହିଲି ରଜରେ କୁଆଁରୀମାନେ ଦୋଳିରେ ବସି ଗୀତ ଗାଇ ମଜା ନେଇଥିଲେ।



# ଛୁଙ୍କ ପଖାଳରେ ମହକିଲା ଗାଁ

**ତିହିଡ଼ି,୧୪।୬(ସଞ୍ଜିତ ବଳ)**

ପହିଲି ରଜରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଚଉଁରୀ ଗାଁ ଚଳଚଞ୍ଚଳ ହୋଇଛି। ଛୁଙ୍କ ପଖାଳ ସାଙ୍ଗକୁ ପୋଡ଼ପିଠାର ବାସ୍ନାରେ ଗାଁ ମହକିଛି। ଏହା ସହିତ ରଜପାନ, ରଙ୍ଗୋଲି, ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଛି। ରଜଦୋଳିରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଝୁଲିବା ଉତ୍ସବକୁ ଦ୍ୱିଗୁଣିତ କରିଛି। ଏମ୍‌ପି ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ରଜ ମହୋତ୍ସବ କମିଟିର ସଭାପତି ଅଜୟ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡ. ବିଶ୍ୱରଞ୍ଜନ ଦାସ, ଅନ୍ୟତମ ଅତିଥି ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବରିଷ୍ଠ କବି ଦୀନବନ୍ଧୁ ପତି, ସମିତିସଭ୍ୟ ଚିନ୍ତାମଣି ଦାସ ଯୋଗଦେଇ ସଂସ୍କୃତିର ଅବକ୍ଷୟ ଘଟିଥିବା ବେଳେ ଚଉଁରୀ ଗାଁ ରଜ ପରମ୍ପରାକୁ ବଜାୟ ରଖିବା ଗୌରବର କଥା ବୋଲି କହିଥିଲେ। ଏହି ଅବସରରେ କବି ନିତ୍ୟାନନ୍ଦ ପଟ୍ଟନାୟକଙ୍କ କବିତା ସଂକଳନ କବିତା ପ୍ରତିଭାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସ୍ୱାସ୍ଥ୍ୟ ସେବକ ସଞ୍ଜୀବ କୁମାର କବାଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କର୍ମୀ ଅଜୟ ରାଉତ ଅତିଥି ପରିଚୟ ଓ ସମ୍ପାଦକ ରତିକାନ୍ତ ଦାସ ଧନ୍ୟବାଦ ଦେଇଥିଲେ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ନାୟକ ଓ ଛାତ୍ରୀଛାତ୍ର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ୨ୟ ଅଧିବେଶନରେ ବରିଷ୍ଠ କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ ପୌରୋହିତ୍ୟରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ କବି ସଞ୍ଜିତ କୁମାର ବଳ ଯୋଗ ଦେଇଥିଲେ। କବି ସତ୍ୟପ୍ରକାଶ କର ଓ ସୁଭଦ୍ରା ଦାସ କବିତାଗୁଡ଼ିକର ସଂଯୋଜନା କରିଥିଲେ। ଶିକ୍ଷାବିତ ଦୀନରଞ୍ଜନ ପାଢ଼ୀ,ଗୋଲକ ପଣ୍ଡା, ସରୋଜ ମହାନ୍ତି, ଲକ୍ଷ୍ମୀକାନ୍ତ ଦାସ, ସହଦେବ ଦଳେଇ, ମାନସ ମହାନ୍ତି, ହେମନ୍ତ ମହାନ୍ତି, ସୁରେଶ ଦାସ, ରମେଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଏମ୍‌ପି ମଞ୍ଜୁଲତା ମଣ୍ଡଳ ଦୋଳି ଖେଳୁଛନ୍ତି।

**ଚଉଁରୀ ଗାଁରେ ରଜ ମହୋତ୍ସବ**

**ଦୋଳିରେ ଝୁଲିଲେ ଏମ୍‌ପି**

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ ସରୋଜ


@ ଆୟୁଷୀ


@ ଆଶିଷ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଜଗଦ୍ଧାତ୍ରୀ ସାହିତ୍ୟ ସଂସଦ ପକ୍ଷରୁ ରଜ ଆସର

**ଲଙ୍ଗଳେଶ୍ୱର,୧୪।୬(କମଳାକାନ୍ତ ଦାସ)**– ସିଂଲା ଥାନା କଇନଗରୀ ପଞ୍ଚାୟତ କଇନଗରୀ ଗ୍ରାମର ବିଶିଷ୍ଟ ନାଟ୍ୟକାର ଅନିରୁଦ୍ଧ ମଣ୍ଡଳଙ୍କ ବାସଭବନରେ ପହିଲି ରଜ ଅବସରରେ ଜଗଦ୍ଧାତ୍ରୀ ସାହିତ୍ୟ ସଂସଦ ପକ୍ଷରୁ ରଜ ଆସର ଏବଂ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ସାମାଜିକ କର୍ମୀ ଅନାଦି ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବିଜେଡି ରାଜ୍ୟ ମହିଳା କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡ଼ିଶାର ସଂସ୍କୃତି ପରମ୍ପରା ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ସୁସାହିତ୍ୱିକ ତଥା ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଦୟାନିଧି ସାହୁ, ୧୭ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟା ସୁଜାତାରାଣୀ ଦଣ୍ଡପାଟ, ଜଗଦ୍ଧାତ୍ରୀ ସାହିତ୍ୟ ସଂସଦ ସଭାପତି ନିତ୍ୟାନନ୍ଦ ଦାସ, ଶିକ୍ଷକନେତା ନାରାୟଣ ପ୍ରସାଦ ସାହୁ, ସମୟର ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ଅଧ୍ୟାପକ ନିରଞ୍ଜନ ବେହେରା, କବି ସନ୍ୟାସୀ ବେହେରା, ଚିତ୍ରକର ସଞ୍ଜିବ ପ୍ରମାଣିକ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ସୁସାହିତ୍ୟକ କବି ବ୍ରଜେନ୍ଦ୍ର ନାଥ ଗିରି, ସୁଗୃହିଣୀ ବସୁମତୀ ମଣ୍ଡଳ, ବିଶିଷ୍ଟ ତବଲା ବାଦକ ଅତୁଲ ଚନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅନିରୁଦ୍ଧ ମଣ୍ଡଳଙ୍କ ନାତୁଣୀ ପ୍ରିୟାଂଶୀଙ୍କ ଜନ୍ମଦିନ ଅବସରରେ ମା' ଭଗବତୀଙ୍କ ପୂଜାର୍ଚ୍ଚନା ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ରଜ ଆସର।

# ଲାଗିନି ଦୋଳି, ଶୁଭୁନି ରଜ ଗୀତ


ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ବେଳେ ଉପସ୍ଥିତ ଅନୁଷ୍ଠାନର ସଦସ୍ୟ।

**ବଡ଼ବିଲ,୧୪।୬ (ଦେବପ୍ରିୟ ରଣା)**

**ଖଣି ଅଞ୍ଚଳରେ ରଜ ପର୍ବ ଫିକା**

କେନ୍ଦୁଝର ଜିଲାରେ ରଜପର୍ବ ବେଶ ଜାକଜମକର ସହ ପାଳନ ହୋଇଥାଏ। ବିଭିନ୍ନ ରକମର ଦୋଳି ସାଙ୍ଗକୁ ପାରମ୍ପାରିକ ରଜ ଗୀତରେ ଉତ୍ସବ ମୁଖରିତ ହେବା ସହ ନାନା ପ୍ରକାରର ପିଠାରେ ମହକି ଉଠୁଥିଲା। ହେଲେ ଏବେ ସେସବୁ ଆଉ ଦେଖିବାକୁ ମିଳୁନି। ବଡ଼ବିଲ ଖଣି ଅଞ୍ଚଳରେ ଚଳିତ ବର୍ଷ ରଜପର୍ବ ଫିକା ପଡ଼ିଛି। ବଡ଼ବିଲ ତଥା ଆଖପାଖ ଗ୍ରାମାଞ୍ଚଳରେ କାଁ ଭାଁ ଦୋଳି ଦେଖିବାକୁ ମିଳୁଛି। ଆଗ ଭଳି ଛକରେ ବଡ଼ ଦୋଳି ଲାଗିନି କି ପାରମ୍ପାରିକ ରଜ ଗୀତ ଆଉ ଶୁଭୁନାହିଁ। ଏହାରି ମଧ୍ୟରେ ରଜ ପର୍ବକୁ ମନେ ରଖିବା ପାଇଁ ବଡ଼ବିଲର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ପକ୍ଷରୁ ପ୍ରୟାସ କରାଯାଇଛି। ଗଣପର୍ବକୁ କାର୍ଯ୍ୟାଳୟ ପରିସରରେ ସାମୂହିକ ଭାବେ ପାଳନ କରାଯାଇଛି। ଏହି ଅବସରରେ ଅନୁଷ୍ଠାନ ପରିସରରେ ସ୍ଥାପିତ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଅନୁଷ୍ଠାନର ସଦସ୍ୟଙ୍କ ପରିବାର ଓ ସମ୍ପର୍କୀୟ ସାମିଲ ହୋଇ ପହିଲି ରଜକୁ ବେଶ ଆନନ୍ଦର ସହ ପାଳନ କରିଛନ୍ତି। ମିଠା ପାନ, ପୋଡ଼ପିଠାର ପସରା ଖୋଲାଯାଇଥିଲା। କୁନିକୁନି ଝିଅ, ଯୁବତୀ ଓ ମହିଳାମାନେ ପିଠା ଖାଇ ଦୋଳିରେ ଝୁଲି ମଜା ନେଇଥିଲେ। ଉତ୍ସବରେ ସାମିଲ ହୋଇଥିବା ସମସ୍ତ ମହିଳା-ପୁରୁଷ, ଝିଅ-ପୁଅଙ୍କ ନିମନ୍ତେ ପ୍ରଶ୍ନ-ଉତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ବଡ଼ବିଲ ଉପକଣ୍ଠରେ ଥିବା ଉଲିବୁରୁ, ହାୟାରପୁର, ଠାକୁରାଣୀ, ସୟାବାଲି, ଭଦ୍ରାସାହି, ସେରେଣ୍ଡା, କାଶିଆ, ଶଙ୍ଖଝର, ରୋଇଡ଼ା, ଭୁଷୁଗାଁ, ବେଲକୁଣ୍ଡି, କାରା କୋହ୍ଲ, କାରା ଖେଣ୍ଡରା ଆଦି ସ୍ଥାନରେ ରଜପର୍ବ ପାଳନ ହୋଇଛି।

# ରଜପର୍ବରେ ମା' ଭୂଧାରଚଣ୍ଡୀଙ୍କ ପୀଠରେ ନିଆଁପାଟ, ଉଡ଼ା ପର୍ବ

**ନୀଳଗିରି, ୧୪।୬(ପ୍ରଶାନ୍ତ ବିଶ୍ୱାଳ)**

ରଜ ଓଡ଼ିଶାର ଗଣପର୍ବ। ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିନ ବସୁମତୀ ସ୍ନାନ ପାଳନ ହୁଏ। ରଜରେ ପିଠା ଓ ପାନଖିଆ ସହିତ ଝିଅମାନଙ୍କ ରଜଦୋଳି ସହ ପୁଅମାନଙ୍କ ଲୁଡୁ, ତାସ୍ ବାଗୁଡ଼ି ଆଦି ଖେଳି ସହିତ ଏହା ପାଳନ କରାଯାଏ। ଏହି କ୍ରମରେ ବାଲେଶ୍ୱର ଜିଲା ନୀଳଗିରିରୁ ୫ କି.ମି. ଦୂର ସଜନାଗଡଠାରେ ଶହ ଶହ ବର୍ଷ ପୂର୍ବେ ପ୍ରତିଷ୍ଠିତ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠ ସମ୍ମୁଖରେ ରଜପର୍ବ ଉପଲକ୍ଷେ ମଙ୍ଗଳବାର ନିଆଁପାଟ ପର୍ବ ଅନୁଷ୍ଠିତ ହୋଇଛି। ମା'ଙ୍କ ପୀଠରେ ରଜ ସଂକ୍ରାନ୍ତି ଉପଲକ୍ଷେ ପ୍ରଥମ ଦିନ ନିଆଁପାଟ ଓ ପରଦିନ ମଧ୍ୟରାତ୍ରିରେ ଉଡ଼ାପର୍ବ ପାଳିତ ହୋଇଥିଲା। ଶହ ଶହ ଭକ୍ତଙ୍କର ଉପସ୍ଥିତିରେ ଏହି ପର୍ବ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଗତ ୯ତାରିଖରୁ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିକୁ ପୂଜା କରାଯାଇ ତା' ପରଦିନଠାରୁ ଗଡ଼ବାସୁଳୀ ଦାସି, ପାଟଭକ୍ତା, ଦେଶଭକ୍ତା ସଜନାଗଡ଼ ମନ୍ଦିର ପାର୍ଶ୍ୱବର୍ତ୍ତୀ ଗ୍ରାମକୁ ଯାଇ ନିଆଁ ପାଟ ଓ ଉଡ଼ା ପର୍ବ ପାଇଁ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ଗତ ମଙ୍ଗଳବାର ମଧ୍ୟରାତ୍ରିରେ ଭକ୍ତମାନେ ସଜନାଗଡ଼ ଚଣ୍ଡୀ ପୋଖରୀକୁ ଯାଇ ପୂଜାର୍ଚ୍ଚନା କରିବା ସହ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିଠାରେ ନିଶା ଘଟପୂଜା ବିଧି କରିଥିଲେ। ବୁଧବାର ପୂର୍ବାହ୍ନରେ ଭକ୍ତାମାନେ ଚଣ୍ଡୀ ପୋଖରୀରେ ଗାଧୋଇ ମା'ଙ୍କ ଦର୍ଶନ ସାରିବା ପରେ ଆରମ୍ଭ ହୋଇଥିଲା ନିଆଁପାଟ। ମା' ଭୂଧାରଚଣ୍ଡୀଙ୍କ ସାମ୍ନା ପଡ଼ିଆରେ ଦେଢ଼ଫୁଟ ଓସାର ୮ଫୁଟ୍ ଲମ୍ବର ଏକ ଗର୍ତ୍ତ ଖୋଳାଯାଇ କୋଇଲାରେ ନିଆଁ ଲଗାଯାଇଥିଲା। ଏହି ନିଆଁ ପାଟରେ ୪୦ରୁ ଊର୍ଦ୍ଧ୍ୱ ଭକ୍ତାମାନେ ମା'ଙ୍କ ନାମ ସ୍ମରଣ କରି ଅଗ୍ନି ଉପରେ ଚାଲିଥିଲେ। ମନ୍ଦିର ମୁଖ୍ୟ ପୂଜାରୀ ବିଜୟ ପଣ୍ଡା, ମା'ଙ୍କ ସର୍ଦ୍ଦାର ଚକ୍ରଧର ଦାସବାବୁ, ଭାସ୍କର ନାୟକ ଓ ଅନ୍ୟ ଭକ୍ତାମାନେ ଏଥିରେ ସହଯୋଗ କରିଥିଲେ। ଏହି ନିଆଁ ପାଟ ପର୍ବ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଲୋକ ଏକାଠି ହୋଇଥିଲେ। ସେହିପରି ଗୁରୁବାର ମଧ୍ୟରାତିରେ ଅନୁଷ୍ଠିତ ହେବ ଉଡ଼ାପର୍ବ। ଏହାକୁ ଦେଖିବା ପାଇଁ ନୀଳଗିରି ତଥା ପାଖ ମୟୂରଭଞ୍ଜ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଏହା ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ।


ମା' ଭୂଧାରଚଣ୍ଡୀଙ୍କ ପୀଠରେ ନିଆଁ ପାଟ।

# ପିଠା ଖାଇଲେ, ଦୋଳି ଖେଳିଲେ

**କେନ୍ଦୁଝର,୧୪।୬(ନରେଶ ପଟ୍ଟନାୟକ)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଶୁଆକାଟିଠାରେ ରଜ ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ସ୍ଥାନୀୟ ଆମ୍ବ ତୋଟାରେ ବିଭିନ୍ନ ପ୍ରକାର ଦୋଳି ବନ୍ଧା ଯାଇଛି। ସ୍ଥାନୀୟ ଯୁବକ, ଯୁବତୀ ତଥା ବୟସ୍କମାନେ ଏକାଠି ହୋଇ ଦୋଳି ଖେଳିବା ସହ ମଜା ନେଉଛନ୍ତି। କାଠରେ ପ୍ରସ୍ତୁତ କାଠ ପଟା, ଚକ୍ର ଦୋଳି, ଖାଇ ଦୋଳି, କଟକି ଦୋଳି ଆଦି ପ୍ରତିଷ୍ଠା ହୋଇଛି। ବିଶେଷ କରି ଯୁବତୀମାନେ ପିଠା ପଣା ଖାଇ ବିଭିନ୍ନ ପ୍ରକାର ନୂଆ ବସ୍ତ୍ର ପିନ୍ଧି ଦୋଳି ଖେଳି ପ୍ରଥମ ଦିନ କଟାଇଛନ୍ତି। ବିଭିନ୍ନ ପ୍ରକାର ରଜ ଦୋଳି ଗୀତ, ଡିଜେ ଗୀତ ବାଦ୍ୟରେ ଉକ୍ତ ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଛି। ଆଖପାଖ ଅଞ୍ଚଳର ଲୋକେ ବୁଲି ଦେଖିବାକୁ ଆସିଥିବା ବେଳେ ଏହା ତିନି ଦିନ ବ୍ୟାପୀ ଚାଲିବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ। ସେହିପରି କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ ପହିଲି ରଜ ଧୁମଧାମ୍‌ରେ ପାଳିତ ହୋଇଯାଇଛି।


ଯୁବତୀମାନେ କାଠ ଦୋଳିର ମଜା ନେଉଛନ୍ତି ।

# ଆମ ଗାଁ ରଜ ମହୋତ୍ସବ ଉଦ୍‌ଘାଟିତ



ଉପସ୍ଥିତ ଅତିଥିମାନେ।

**ଭଦ୍ରକ,୧୪।୬(ରବି ନାରାୟଣ ଖିଲାର)**

ଭଦ୍ରକର କଲେଇ ପଞ୍ଚାୟତ ଅନ୍ତର୍ଗତ ଚୁନିଦାସ୍ଥିତ ମା' କ୍ଷେତ୍ରବାସୀ ପୀଠଠାରେ ପଞ୍ଚମ ବାର୍ଷିକ ଆମ ଗାଁ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ଖଗେଶ୍ୱର ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ଅତିଥିଭାବେ ସରପଞ୍ଚ ନିରଞ୍ଜନ ମଲ୍ଲିକ, ଖବରଦାତା ରବି ନାରାୟଣ ଖିଲାର, ନାଟ୍ୟକାର ନିର୍ମଳ ରାଉତ, ପ୍ରଧାନଶିକ୍ଷକ ଭୀମସେନ ପରିଡ଼ା, ଶେଖର ଜେନା, ମୁଖ୍ୟ ବକ୍ତାଭାବେ ଶିକ୍ଷକ ନେତା ପ୍ରଭାକର ପରିଡ଼ା, ସମ୍ମାନିତ ଅତିଥିଭାବେ ସନ୍ତୋଷ ଦାସ ଯୋଗଦେଇ ରଜ ପର୍ବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆବାହକ କୃଷ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଚାରି ଦିନ ବ୍ୟାପି ମହୋତ୍ସବ ପାଳନ କରାଯିବ ବୋଲି କମିଟିର ଆବାହକ ଗୌର ଗୋପାଳ ଜେନା, ନିତ୍ୟାନନ୍ଦ ବେହେରା, ବାବୁଲା ରାଉତ, କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଏଥିରେ ବିଭିନ୍ନ ଖେଳ ଓ ହସ୍ତ କଳା, ଦକ୍ଷତା ଶକ୍ତି ପ୍ରତିଭା, ନୃତ୍ୟ, ସଙ୍ଗୀତ, ବାଦ୍ୟ କଳା, ଭାବ ଅଭିନୟ, ରୂପବତୀ/ରୂପ କନ୍ୟା ଆଦି ଉପରେ ପ୍ରତିଯୋଗିତା ଆୟୋଜନ କରାଯିବ। ବୁଧବାର ପିଲାମାନଙ୍କ ମଧ୍ୟରେ ଦୋଳି ପ୍ରତିଯୋଗିତା କରାଯାଇଥିଲା ଓ ରଜ ପାନ ବଣ୍ଟନ କରାଯାଇଥିଲା।

# ରଜ ଗୀତରେ କମ୍ପିଲା ଆମ୍ବତୋଟା

**ପାଟଣା,୧୪।୬( ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ଗଣପର୍ବ ରଜ ପାଇଁ ଉତ୍ସବ ମୁଖର ହୋଇଉଠିଛି। ବୁଧବାର ପହିଲି ରଜରେ ପାଟଣା ବ୍ଲକ୍ କ୍ଷୀରେଇ ଟାଙ୍ଗୀର ପଞ୍ଚାୟତ ଭୁରୁଡୁପଶି ସାହିରେ ସ୍ଥାନୀୟ ସ୍ୱୟଂ ସାହାୟକ ଗୋଷ୍ଠୀଙ୍କ ତରଫରୁ ଗାଁ ଆମ୍ବ ତୋଟାରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏଠାରେ ଖାଇ ଦୋଳି ସହ ୬ ପ୍ରକାରର ଦୋଳି ପଡ଼ିଛି। ରଜ ଦୋଳି ଗୀତରେ ଆମ୍ବ ତୋଟା ପ୍ରକମ୍ପିତ ହେଉଛି। ମହିଳାମାନଙ୍କ ଶବରୀ ଗୀତ ନୃତ୍ୟରେ ଗ୍ରାମୀଣ ମାଟିର ବାସ୍ନା ଉଜ୍ଜିବିତ ହୋଇଉଠିଛି। ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅଧିକାରୀ ଦୟାନିଧି ନାଏକ, ପୂର୍ବତନ କ୍ଷୀରେଇ ଟାଙ୍ଗିରି ସରପଞ୍ଚ ମନୋଜ ନାୟକ, ସାମାଜିକ କର୍ମୀ ଦୀପକ ମଣ୍ଡଳ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅନୁରୂପ କେନ୍ଦେଇପଶି ଛକ ନିକଟ ଡ୍ରିମ ଟିମ୍ ପକ୍ଷରୁ ରଜ ମହୋତ୍ସବ ଆୟୋଜିତ ହୋଇଛି। ୪ ଦିନ ବ୍ୟାପି ହେବାକୁ ଥିବା ମୋହତ୍ସବର ପହିଲି ରଜରେ ଅଶୋକ କୁମାର ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଭଜପାନେତା ସତ୍ୟବ୍ରତ ନାଏକ, ସମ୍ମାନିତ ଅତିଥିଭାବେ କେନ୍ଦେଇ ପଶି ସରପଞ୍ଚ ମିନାକ୍ଷୀ ନାଏକ ଯୋଗଦେଇଥିଲେ। ଦୋଳି ପଡ଼ିଆରେ ଖାଇ ଦୋଳି, ଡଙ୍ଗା ଦୋଳି, ଚକ୍ର ଦୋଳି ଓ ବାୟା ଦୋଳିର ଲୋକେ ମଜା ନେଉଛନ୍ତି।


ମହିଳାମାନେ ଦୋଳି ପୂଜା କରୁଛନ୍ତି।

# ଗାଁ ମୁଣ୍ଡରେ ଗଜ, ଫିକା ପଡ଼ିଲା ରଜ

**ବାରିପଦା,୧୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ରଜ ପର୍ବକୁ ନେଇ ଚାରିଆଡ଼େ ଆନନ୍ଦ ଉଲ୍ଲାସ ଲାଗି ରହିଥିବା ବେଳେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ଏହି ଗଣପର୍ବ ଫିକା ପଡ଼ିଥିବା ପରିଲକ୍ଷିତ ହୋଇଛି। ଗାଁ ମୁଣ୍ଡରେ ଗଜରାଜ(ହାତୀ) ଚିତ୍କାର କରୁଥିବାରୁ ଜୀବନ ପ୍ରତି ବିପଦ ଆଶଙ୍କା କରି ଲୋକେ ମନଭରି ରଜ ପାଳନ କରି ପାରୁନାହାନ୍ତି। ହାତୀ ହାବୁଡ଼ରେ ପଡ଼ି ଇତି ମଧ୍ୟରେ କେତେଜଣଙ୍କ ପ୍ରାଣ ଯାଇଥିବାରୁ ଜଙ୍ଗଲ ରାସ୍ତାରେ ଚଳପ୍ରଚଳ କରିବାକୁ ଲୋକେ ଅମଙ୍ଗ ହେଉଛନ୍ତି। ହାତୀ ଭୟରେ ବନ୍ଧୁବାନ୍ଧବ ଆସୁ ନ ଥିବା ବେଳେ କୁଆଁରୀ ଝିଅମାନେ ମଧ୍ୟ ଘରୁ ବାହାରି ଦୋଳି ଖେଳିବାକୁ ସୁରକ୍ଷିତ ମଣୁ ନାହାନ୍ତି। ଦୀର୍ଘ ଦିନ ହେଲା ଶିମିଳିପାଳ ଅଭୟାରଣ୍ୟ ଓ ଝାଡଖଣ୍ଡରୁ ଆସି ଆଡ୍ଡା ଜମାଇଥିବା ହାତୀପଲକୁ ନେଇ ଗ୍ରାମବାସୀ ଚିନ୍ତାରେ ରହିଛନ୍ତି। ଜିଲାର ସୀମାନ୍ତରେ ଥିବା ବାରିପଦା ବନଖଣ୍ଡ ଅଧୀନ ରାସଗୋବିନ୍ଦପୁର ରେଞ୍ଜର ବ୍ରାହ୍ମଣମରା ଜଙ୍ଗଲରେ ୧୬ଟି ଝାଡ଼ଖଣ୍ଡୀ ହାତୀ, ଶୁଖିଲାଖାଳି ଜଙ୍ଗଲରେ ଶିମିଳିପାଳର ୧୧ଟି ଓ ବେତନଟୀ ରେଞ୍ଜ ଦୁର୍ଗାପୁର ଜଙ୍ଗଲରେ ୫ଟି ହାତୀ ଆତଙ୍କ ଖେଳାଇ ଚାଲିଛନ୍ତି। ପ୍ରତିଦିନ ଘର ଭାଙ୍ଗି ଖାଦ୍ୟ ଖାଉଥିବା ବେଳେ ଅନେକ ନଷ୍ଟ କରିଚାଲିଛନ୍ତି। ପରିବା କ୍ଷେତରେ ପଶି ପନିପରିବା ଖାଇବା ସହ ମାଡିଚକଟି ଚାଲିଛନ୍ତି। ହାତୀପଲ ମାସ ମାସ ଧରି ସଂରକ୍ଷିତ ଜଙ୍ଗଲରେ ରହୁଥିବା ବେଳେ ବନକର୍ମଚାରୀମାନେ ସେମାନଙ୍କୁ ଘଉଡ଼ାଇବାରେ ବିଫଳ ହୋଇଛନ୍ତି। ପ୍ରଶାସନ ହାତୀ ଚଲାପଥ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରୁ ନ ଥିବାରୁ ଅନେକ ଲୋକ ହାତୀ ହାବୁଡ଼ରେ ପଡ଼ି ଜୀବନ ହରାଉଛନ୍ତି । ବିଗତ ଦୁଇ ମାସ ମଧ୍ୟରେ ଏହି ଦୁଇଟି ରେଞ୍ଜରେ ହାତୀ ୧୫ଟି ଘର ଭାଙ୍ଗିଥିବା ବେଳେ ୨ଜଣଙ୍କ ଜୀବନ ଯାଇଛି। ମୃତକ ଦ୍ୱୟ ହେଲେ ବେତନଟୀ ରେଞ୍ଜ ଭାଲିଆଡିହା ଅଞ୍ଚଳର କମଳା ଦେହୂରୀ ଓ ବଡ଼ସାହି ଥାନା ଅଧୀନ ଭରତଚନ୍ଦ୍ରପୁର ଗ୍ରାମର ସୀତା ଟୁଡୁ। ସେହିପରି ସୁରେଶ ହେମ୍ବ୍ରମ, ବିଜୟ ମହାନ୍ତ, ବୈଦ୍ୟନାଥ ମହାନ୍ତ, ଜଗ ମାଝୀ, ଦୁଃଖିଆ ହେମ୍ବ୍ରମ, କାହ୍ନୁ ଚରଣ ମାର୍ଣ୍ଡି, ସାନଫୁଲରାୟ ମୁର୍ମୁଙ୍କ ଘର ଭାଙ୍ଗି ନଷ୍ଟ କରିଛନ୍ତି । ଅଭୟାରଣ୍ୟରେ ହାତୀଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ନ ଥିବାରୁ ସେମାନେ ଗାଁ ମୁହାଁ ହେଉଛନ୍ତି। ବନ କର୍ମଚାରୀମାନେ ହାତୀର ଚଲାପଥ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଚେଷ୍ଟା କରୁଥିଲେ ମଧ୍ୟ କର୍ମଚାରୀ ଅଭାବ ପାଇଁ ବ୍ୟତିକ୍ରମ ପରିଲକ୍ଷିତ ହେଉଛି ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଏପରି ସ୍ଥଳେ ବନବିଭାଗ ପକ୍ଷରୁ ହାତୀର ସୁରକ୍ଷା ସହିତ ଖାଦ୍ୟାଭାବ ପୂରଣ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅନେକ ସମୟରେ ହାତୀ-ମଣିଷ ଲଢେଇ ହେଉଛି। ଫଳରେ ହାତୀ ମୃତ୍ୟୁମୁଖରେ ପଡୁଥିବା ବେଳେ ଅନେକ ଗୋଠ ଛଡ଼ା ହୋଇ ଏଣେତେଣେ ବୁଲୁଛନ୍ତି।

